ଓଡ଼ିଶା ସରକାର



# ବଜେଟ

ପ୍ରଥମ ଭାଗ

୨୦୧୩-୧୪

# କୃଷି









ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ
ଅର୍ଥ ମନ୍ତ୍ରୀଙ୍କ
ଦ୍ୱାରା ଉପସ୍ଥାପିତ

୧୯ ଫେବୃୟାରୀ ୨୦୧୩

ମାନ୍ୟବର ବାଚସ୍ପତି ମହୋଦୟ,

ଏହି ପବିତ୍ର ଗୃହରେ 2013-14 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ମୋ ପକ୍ଷରେ ଏକ ପରମ ସୌଭାଗ୍ୟ । ପୂର୍ବ ବର୍ଷମାନଙ୍କ ପରମ୍ପରାର ସାମାନ୍ୟ ବ୍ୟତିକ୍ରମ କରି ମୁଁ ବଜେଟ୍‌କୁ ଦୁଇଭାଗରେ ଉପସ୍ଥାପନ କରିବାକୁ ଯାଉଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ପ୍ରଥମ ଭାଗରେ କୃଷି ବଜେଟ୍ ଓ ଦ୍ୱିତୀୟ ଭାଗରେ ସାଧାରଣ ବଜେଟ୍ ପ୍ରସ୍ତାବ ରହିଛି । ବର୍ତ୍ତମାନ ମୁଁ କୃଷି ବଜେଟ୍ ଉପସ୍ଥାପନ କରିବାକୁ ଯାଉଛି ।

## ଭାଗ - 1

## କୃଷି

ଆମ ରାଜ୍ୟରେ କୃଷି କ୍ଷେତ୍ରରେ ଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ତଥା କୃଷକମାନଙ୍କ ଉନ୍ନତି ଉଦ୍ଦେଶ୍ୟରେ ଆମେ କୃଷି ବଜେଟ୍ ଜରିଆରେ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ପ୍ରସ୍ତୁତ କରିଛୁ। ମାସକ ପୂର୍ବେ ପ୍ରାକ୍ ବଜେଟ୍ ଆଲୋଚନା ମାଧ୍ୟମରେ ମିଳିଥିବା ସଂପୃକ୍ତ କ୍ଷେତ୍ରର ପ୍ରତିନିଧି ମାନଙ୍କର ମୂଲ୍ୟବାନ ମତାମତ ସବୁକୁ ମଧ୍ୟ ଆମେ ଗୁରୁତ୍ୱ ଦେଇଛୁ ।

ମୁଁ ପ୍ରଥମେ ଏକ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିବାକୁ ଚାହୁଁଛି ।

ଓଡିଶା ମୂଳତଃ ଏକ କୃଷି ପ୍ରଧାନ ରାଜ୍ୟ । କୃଷି ଆମ ଗ୍ରାମ୍ୟ ଅର୍ଥନୀତି ଓ ଜୀବନଧାରଣର ମେରୁଦଣ୍ଡ । ରାଜ୍ୟର ସମଗ୍ର ମାନବ ସମ୍ବଳର 60 ପ୍ରତିଶତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭରଶୀଳ । ଏ ଦୃଷ୍ଟିରୁ ବିଚାର କଲେ କୃଷି କ୍ଷେତ୍ର ଅଦ୍ୟାବଧି ଆମ ଅର୍ଥନୀତିର ମୂଳପିଣ୍ଡ

ହୋଇ ରହିଛି । କୌଟିଲ୍ୟ ତାଙ୍କର ଅମୂଲ୍ୟ କୃତି " ଅର୍ଥଶାସ୍ତ୍ର" ରେ ଉଲ୍ଲେଖ କରିଛନ୍ତି ଯେ, କୃଷି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ - "କୃଷି ଉପଯୋଗୀ ଜମି ଖଣିଠାରୁ ମହତ୍ୱପୂର୍ଣ୍ଣ କାରଣ ଖଣି ରାଜକୋଷକୁ ପୂର୍ଣ୍ଣକରିପାରେ କିନ୍ତୁ କୃଷି ଉତ୍ପାଦନ ଉଭୟ ରାଜକୋଷ ଓ ଶସ୍ୟ ଭଣ୍ଡାର ପରିପୂର୍ଣ୍ଣ କରିଦିଏ । ଆଧୁନିକ ଭାରତର ନିର୍ମାତା ପଣ୍ଡିତ ଜବାହାରଲାଲ ନେହେରୁ ମଧ୍ୟ କୃଷିର ଉନ୍ନତି ପାଇଁ ତାଙ୍କର ଏହି ଐତିହାସିକ ଉକ୍ତି ମାଧ୍ୟମରେ ଗୁରୁତ୍ୱ ଦେଇଥିଲେ । "ଅନ୍ୟସବୁ ପଛକୁ ରହିପାରେ, କୃଷି ନୁହେଁ" । ଓଡିଶାର ଗର୍ବ ଓ ଗୌରବର ପ୍ରତୀକ ମଧୁବାବୁ କୃଷି ଓ କୃଷି ଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତାଙ୍କ ଭାଷାରେ - "କୃଷି ହେଉଛି ଭୂମିର ସଂସ୍କୃତି ଓ ହସ୍ତର ସଂସ୍କୃତି ହେଉଛି ଶିଳ୍ପ"।

2. ଓଡିଶାରେ କୃଷିକ୍ଷେତ୍ରରେ ଅନେକ ସମସ୍ୟା ରହିଛି, ଯଥା - ସ୍ୱଳ୍ପ ପୁଞ୍ଜି ନିବେଶ, ସ୍ୱଳ୍ପ ଉତ୍ପାଦନ, ଅଭିବୃଦ୍ଧିର ହାରରେ ବାରମ୍ବାର ହ୍ରାସବୃଦ୍ଧି ତାରତମ୍ୟ, ମରୁଡି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ପୁନରାବୃତ୍ତି, ଉନ୍ନତ ବିହନ, ସାର, ଜଳସେଚନ ସ୍ୱଳ୍ପ ହାରରେ ଋଣର ବ୍ୟବସ୍ଥା, କ୍ରିୟାଶୀଳ ଶସ୍ୟବୀମା ବ୍ୟବସ୍ଥା, ଉତ୍ପାଦନ ବୃଦ୍ଧି ପାଇଁ ନୂତନ ଜ୍ଞାନ କୌଶଳର ଉପଲବ୍ଧି, ଅମଳ ପରବର୍ତ୍ତୀ ଆବଶ୍ୟକତା ଯଥା - ମହଯୁଦ୍ କରିବା, ପଣ୍ୟାଗାରରେ ଗଚ୍ଛିତ କରିବା ଏବଂ ଅଧିକ ବିପଣନ ସୁବିଧାର ଆବଶ୍ୟକତା । ରାଜ୍ୟର ଘରୋଇ ଉତ୍ପାଦନ ଯେଉଁ ପରିମାଣରେ ବୃଦ୍ଧି ପାଉଛି ସେହି ମାତ୍ରାରେ କୃଷି ଉତ୍ପାଦନ ବଢାଇବାକୁ ହେବ, ଫଳରେ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କ ମଧ୍ୟରେ ଦାରିଦ୍ର୍ୟ ହ୍ରାସ ପାଇବ । ଏହା ଫଳରେ ଓଡ଼ିଶା ଭଳି ଏକ କୃଷି ପ୍ରଧାନ ଅର୍ଥନୀତୀରେ ଦାରିଦ୍ର୍ୟର ପ୍ରଭାବକୁ ହ୍ରାସ କରାଯାଇ ପାରିବ ।

3. ବ୍ରାଜିଲ୍, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ BRICS (ବ୍ରିକ୍ସ) ରାଷ୍ଟ୍ର ସମୂହର ଅଭିଜ୍ଞତାରୁ ଜଣାଯାଏ ଯେ, କୃଷି କ୍ଷେତ୍ରରେ 1% ଅଭିବୃଦ୍ଧି ଅଣକୃଷି କ୍ଷେତ୍ରରୁ ସୃଷ୍ଟ ଅଭିବୃଦ୍ଧିଠାରୁ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ 2 ରୁ 3 ଗୁଣ ଅଧିକ ସହାୟକ ହୋଇଥାଏ । କୃଷିକ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ହୃଦୟଙ୍ଗମ କରି ଏବଂ ଏହାକୁ ଅଧିକ ପ୍ରାଧାନ୍ୟ ଦେବା ଦ୍ୱାରା ଦାରିଦ୍ର୍ୟ ଓ ପୁଷ୍ଟିହୀନତାର ଦ୍ରୁତତର ହ୍ରାସ ସହ ଅର୍ଥନୈତିକ ଅଭିବୃଦ୍ଧିର ଅନ୍ତର୍ଭୁକ୍ତିକରଣ ହେବ ବୋଲି ବିଚାରକରି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜୀ ମୋତେ ବ୍ୟକ୍ତିଗତ ଭାବେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଯଥା ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ, ଜଳସେଚନ, ସମବାୟ ଋଣ ଇତ୍ୟାଦିର ଉନ୍ନତି କଳ୍ପେ ଉଦ୍ଦିଷ୍ଟ ଏକ ବଜେଟ୍ ପ୍ରସ୍ତୁତିକରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହା ଆମକୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିକାଶ ସହିତ, କୃଷି କ୍ଷେତ୍ରପାଇଁ ଲକ୍ଷ୍ୟ ଭିତ୍ତିକ ନୀତି ନିର୍ଣ୍ଣୟ ଏବଂ କୃଷି କ୍ଷେତ୍ରରେ ଅଭିବୃଦ୍ଧି ନିମନ୍ତେ ଯଥାର୍ଥ ସହାୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାପାଇଁ ଉତ୍ସାହିତ କରିଛି । କୃଷକ ମାନଙ୍କର ସାମାଜିକ ସୁରକ୍ଷା ଓ କଲ୍ୟାଣ ନିମନ୍ତେ ମଧ୍ୟ ଆମେ ପ୍ରୟାସ କରିବୁ । ଏହି ସବୁକୁ ଦୃଷ୍ଟିରେ ରଖି ଆମେ ଏହି ବଜେଟ୍‌ରେ କୃଷି ଓ ଆନୁସାଙ୍ଗିକ କ୍ଷେତ୍ରରେ ବ୍ୟୟବରାଦକୁ 7161-84 କୋଟିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛୁ ଯାହା 2012-13 ବଜେଟ୍‌ରେ 5627.87 କୋଟି ଟଙ୍କା ଥିଲା ।

4. କୃଷି ଜୀବନ ଧାରଣର ପ୍ରମୁଖ ବୃତ୍ତି ଅଟେ ଏବଂ ଏହା ସମସ୍ତ ବୃତ୍ତିର ମୂଳ ପିଣ୍ଡ । କୃଷି ବିନା କୌଣସି ଉତ୍ପାଦନ ପ୍ରକ୍ରିୟାର ଚିନ୍ତା କରାଯାଇ ନପାରେ । କୃଷିକୁ କେବଳ ଚାଷ ବୋଲି ବୁଝିବା ଉଚିତ୍ ନୁହେଁ ବରଂ ଏହା କୃଷି କର୍ମ, ପାଇକାରୀ ବ୍ୟବସାୟ, ପଣ୍ୟାଗାର, ପ୍ରକୀୟାକରଣ ଏବଂ ଖୁଚୁରା ବିକ୍ରୟର ଏକ ମୂଲ୍ୟଯୁକ୍ତକାରୀ ସାମଗ୍ରିକ ଶୃଙ୍ଖଳ । ସୁତରାଂ କୃଷି ଉତ୍ପାଦନର ଅଭିବୃଦ୍ଧି ଏବଂ କୃଷି ଭିତ୍ତିକ ଆୟ ବୃଦ୍ଧି ଦ୍ୱାରା କୃଷିକର୍ମର ସଂପ୍ରସାରଣ ସହିତ ଗ୍ରାମାଞ୍ଚଳରେ ଅଣକୃଷି ସୂତ୍ରରୁ ଆୟର ସୁଯୋଗ ସୃଷ୍ଟି ହୋଇଥାଏ ।

5. ଓଡିଶାର ଅର୍ଥନୀତିରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ପ୍ରାଧାନ୍ୟ ରହିଛି । ଏହା ବିଗତ ପଚାଶ ଦଶକରେ ରାଜ୍ୟ ର ସାମଗ୍ରୀକ ଘରୋଇ ଉତ୍ପାଦନର 70 ପ୍ରତିଶତ ରହିଥିଲା । ଅଣକୃଷି କ୍ଷେତ୍ରରେ ଅଧିକ ହାରରେ ଅଭିବୃଦ୍ଧି ହେତୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦନକୁ ଅବଦାନ 2011-12 ରେ ୧୫ ପ୍ରତିଶତକୁ ହ୍ରାସ ପାଇଛି ।

6. ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦନରେ କୃଷି କ୍ଷେତ୍ରର ଅବଦାନ ହ୍ରାସ ପରିପ୍ରେକ୍ଷୀରେ କୃଷିଜୀବି ମାନଙ୍କର ଆପେକ୍ଷିକ ଆୟ ଅନ୍ୟ କ୍ଷେତ୍ର ତୁଳନାରେ ହ୍ରାସ ପାଉଛି । ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦନରେ କୃଷି ଭିତ୍ତିକ ମୁଣ୍ଡପିଛା ଆୟ, ରାଜ୍ୟ ମୁଣ୍ଡପିଛା ଆୟର ଏକ ତୃତୀୟାଂଶ ରହିଛି । ଏହା ବ୍ୟତୀତ ଚାଷ ଜମିର ହାରାହାରି ଆକାର କ୍ରମଶଃ ହ୍ରାସ ପାଉଛି । ଏହା କୃଷକ ମାନଙ୍କର ଆର୍ଥିକ ଅବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଅଧିକାଂଶ ରାଜ୍ୟରେ ବ୍ୟବହୃତ ଚାଷୋପଯୋଗୀ ଜମିର ବିଭାଜନ ଫଳରେ କୃଷି ଭିତ୍ତିକ ଡାଞ୍ଚାର ଆଧାରର ସଂପ୍ରସାରଣ ଘଟୁଛି । କୃଷି ଉପରେ ଜନସଂଖ୍ୟାର କ୍ରମବର୍ଦ୍ଧିଷ୍ଣୁ ନିର୍ଭରଶୀଳତା, କୃଷି ଉପଯୋଗୀ ଜମିର ଅଣକୃଷି କାର୍ଯ୍ୟପାଇଁ ବ୍ୟବହାର, ଏବଂ ଜମି ମାଲିକାନାର ଅଧିକରୁ ଅଧିକ ବିଭାଜନ ଫଳରେ ଘରପିଛା ଚାଷୋପଯୋଗୀ ଜମିର ପରିମାଣ ହ୍ରାସ ପାଉଛି । ପ୍ରୟୋଗସିଦ୍ଧ ଅନୁଶୀଳନରୁ ଏହା ଜଣାପଡିଛି ଯେ ଜମିର ଆକାର ନିର୍ବିଶେଷରେ କୃଷି ଉତ୍ପାଦନ ହୋଇଥାଏ । ମାତ୍ର ଏହା କହିବା ବାହୁଲ୍ୟ ହେବ ନାହିଁ ଯେ ଉତ୍ପାଦନ ବୃଦ୍ଧି ପାଇଁ ଆଧୁନିକ ଜ୍ଞାନ କୌଶଳର ସହଯ ଉପଲବ୍‌ଧି, ଆବଶ୍ୟକତା ଅନୁଯାୟୀ ଯଥାଯଥ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ସହାୟକ ଭିତ୍ତିଭୂମି ଏବଂ କ୍ଷୁଦ୍ର ଜମିମାଲିକାନାରୁ ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ବିପଣନ ପାଇଁ ନୂତନ କୌଶଳର ଆବଶ୍ୟକତା ରହିଛି । କୃଷି ବିଜ୍ଞାନ କୌଶଳ ଦ୍ୱାରା ବିଭିନ୍ନ କୃଷି ସରଞ୍ଜାମ ଉପଯୋଗରେ ମିତବ୍ୟୟତା, ଉଚ୍ଚମାନର ବିହନ ଉପଲବ୍‌ଧ ହେବା ଏବଂ ଶ୍ରୀ ପ୍ରଣାଳୀ ଭଳି ଆଧୁନିକ କୃଷି

ପଦ୍ଧତିର ଉପଯୋଗ ସହିତ ଫଳପ୍ରଦ ବିପଣନ ସୁବିଧା କୃଷି ଉତ୍ପାଦନ ବୃଦ୍ଧିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ।

7. ଜାତୀୟ କୃଷି ନୀତିରେ କୃଷିର ସାମଗ୍ରୀକ ଘରୋଇ ଉତ୍ପାଦନରେ 4 ପ୍ରତିଶତ ଅଭିବୃଦ୍ଧିର ଲକ୍ଷ୍ୟ ରଖାଯାଇଛି । ଅର୍ଥନୀତିର ୨ ପ୍ରତିଶତ ସାମଗ୍ରୀକ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ଏହା ଆବଶ୍ୟକ । ଏଥିପାଇଁ କୃଷି କ୍ଷେତ୍ରରେ ଉଭୟ ଚାହିଦା ଓ ଯୋଗାଣ ବ୍ୟବସ୍ଥା ପ୍ରତି ଅଧିକ ଧ୍ୟାନଦେବାର ଆବଶ୍ୟକତା ରହିଛି । ଚାହିଦା ଦୃଷ୍ଟିରୁ ଏହି ଅଭିବୃଦ୍ଧି ହାର ଖାଦ୍ୟ ଶସ୍ୟ କ୍ଷେତ୍ରରେ ବର୍ଷକୁ 2 ପ୍ରତିଶତ ବୃଦ୍ଧି ଓ ଅଣ ଖାଦ୍ୟ ଶସ୍ୟ ଯଥା ଉଦ୍ୟାନ କ୍ଷେତ୍ରରେ ବାର୍ଷିକ 5 ରୁ 6 ପ୍ରତିଶତ ବୃଦ୍ଧିକୁ ଧାରଣ କରିପାରିବ । ଏହା ବ୍ୟତୀତ ଆମପାଇଁ ଖାଦ୍ୟଶସ୍ୟ ସହିତ ଫଳ, ପନିପରିବା, କ୍ଷୀର, ଅଣ୍ଡା, ମାଂସ ଓ ମାଛ ଇତ୍ୟାଦିର ବର୍ଦ୍ଧିତ ଚାହିଦାର ପରିପୂରଣ କରି ଦୀର୍ଘ ମିଆଦି ସୂତ୍ରରେ ଖାଦ୍ୟ ନିରାପତ୍ତା ହାସଲ କରିବା ମଧ୍ୟ ଏକ ବଡ ଆହ୍ୱାନ । ଯୋଗାଣ ବ୍ୟବସ୍ଥା ମାଧ୍ୟମରେ କୃଷି ଉତ୍ପାଦନରେ ବୃଦ୍ଧି ପାଇଁ ଭିତ୍ତିଭୂମିର ନିବେଶ, ଜଳସେଚନର ସୁପରିଚାଳନା, ଜମିର ଉର୍ବରତା ବୃଦ୍ଧି, ଉନ୍ନତମାନର ବିହନ ଯୋଗାଣ, କୀଟନାଶକ ପ୍ରୟୋଗର ପରିଚାଳନା ଏବଂ ଦୁଗ୍ଧ ଉତ୍ପାଦନ, ପଶୁପାଳନ ଓ ମତ୍ସ୍ୟଚାଷ ବିକାଶର ଆବଶ୍ୟକତା ରହିଛି ।

8. ଆମ ରାଜ୍ୟର ଗ୍ରାମାଞ୍ଚଳରେ କର୍ମସଂସ୍ଥାନ ଓ ଆୟର ସୁଯୋଗ ସୃଷ୍ଟି ନିମନ୍ତେ କୃଷି ଏକ ପ୍ରମୁଖ ଭୂମିକା ନେଇପାରିବ । ଉତ୍ପାଦନ ବୃଦ୍ଧି ସହ ଯଥେଷ୍ଟ ପଣ୍ୟାଗାର ସୁବିଧା ସୃଷ୍ଟି ଓ କୃଷକଙ୍କର ଆୟବୃଦ୍ଧି ସହ କୃଷିକୁ ଆର୍ଥିକ ଦୃଷ୍ଟିରୁ ସାଧନକ୍ଷମ କରିବା ପାଇଁ ଉତ୍ପାଦିତ ସାମଗ୍ରୀର ଯଥାର୍ଥ ବିପଣନର ଆବଶ୍ୟକତା ରହିଛି ।

9. କୃଷି ଏକ ରାଜ୍ୟ ତାଲିକା ଭୁକ୍ତ ବିଷୟ ଏବଂ କୃଷିର ବିକାଶରେ ରାଜ୍ୟ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ କୃଷିର ଉନ୍ନତି ଓ

କୃଷକଙ୍କର କଲ୍ୟାଣ ପାଇଁ କୃଷିକୁ ଅଧିକ ଲାଭପ୍ରଦ କରାଯିବା ପାଇଁ ଧ୍ୟାନ ଦିଆଯିବା ଆବଶ୍ୟକ ।

10. ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମ ରାଜ୍ୟରେ ପ୍ରଥମ ଥର ପାଇଁ ମୁଁ ଏକ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରିବାକୁ ଯାଉଛି ଯାହା କୃଷି ଓ କୃଷକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଗୁଡିକରେ ଏକ ନୂତନ ଦିଗ ଉନ୍ମୋଚନ କରିବ । ବୋଧହୁଏ ଆମ ଦେଶରେ କର୍ଣ୍ଣାଟକ ପରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ଏକ ସ୍ୱତନ୍ତ୍ର ବଜେଟ୍ ଉପସ୍ଥାପନ କରିବାରେ ଆମେ ଦ୍ୱିତୀୟ । ଏହି ପ୍ରୟାସକୁ ସାକାର କରିବା ପାଇଁ ମୁଁ ଯୋଜନା ପ୍ରଣୟନକାରୀ, ବିଶେଷଜ୍ଞ ଏବଂ କୃଷକ ସଂପ୍ରଦାୟର ପ୍ରତିନିଧି ମାନଙ୍କର ମତାମତକୁ ବିଚାରକୁ ନେଇଅଛି ।

11. ଆମର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ଉନ୍ନତି ପଥରେ କେତେକ ଅନ୍ତର୍ନିହିତ ଢାଞ୍ଚାଗତ ପ୍ରତିବନ୍ଧକ ରହିଛି ଯାହାକି ସ୍ୱତନ୍ତ୍ର ବଜେଟ୍ ମାଧ୍ୟମରେ ସମାଧାନ ହୋଇପାରିବ ଏବଂ କୃଷିକୁ ଲାଭଜନକ କରିହେବ । ଏହି କ୍ଷେତ୍ରରେ ରହିଥିବା ଅଭାବ ଅସୁବିଧା ଗୁଡିକ ବିଷୟରେ ମୁଁ ଆଲୋକପାତ କରିବାକୁ ଯାଉଛି ।

(କ) **ନିବେଶର ଅଭାବ**:- ବିଗତ ବର୍ଷ ମାନଙ୍କରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ନିବେଶର ଅଭାବ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଏକ ଦୀର୍ଘସ୍ଥାୟୀ ସମସ୍ୟା ହୋଇ ରହିଆସିଛି । ବର୍ତ୍ତମାନ ଅଧିକାଂଶ ପୁଞ୍ଜି ବିନିଯୋଗ ସାଧାରଣତଃ କୃଷକର ନିଜସ୍ୱ ସମ୍ବଳରୁ ହେଉଅଛି । ଅନ୍ୟ କ୍ଷେତ୍ର ତୁଳନାରେ ଏହି ପୁଞ୍ଜି ବିନିଯୋଗ ଖୁବ୍ ନଗଣ୍ୟ । ଏତଦ୍‌ବ୍ୟତୀତ କୃଷକମାନେ ମଧ୍ୟ ଅର୍ଥ ଲଗାଣକାରୀ ସଂସ୍ଥା ଗୁଡିକରୁ ଆବଶ୍ୟକୀୟ ପୁଞ୍ଜି ସହଜରେ ପାଆନ୍ତି ନାହିଁ ।

(ଖ) **ଯଥାର୍ଥ ଜ୍ଞାନ କୌଶଳର ଅଭାବ**:- ସରକାରୀ ଓ ବେସରକାରୀ ଗବେଷଣାଗାର ଗୁଡିକରେ ଉନ୍ନତ ଜ୍ଞାନ କୌଶଳର ବିକାଶ ହେବା ସତ୍ତ୍ୱେ ଏ ସବୁର ସୁଫଳ କୃଷକମାନଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚିପାରୁନାହିଁ । ଉପଯୁକ୍ତ ଫସଲ କିସମର ଚୟନ, କୃଷି ପଦ୍ଧତିର ଅବଲମ୍ବନ, କୃଷକ ମାନଙ୍କୁ ପ୍ରଶିକ୍ଷଣ ଏବଂ ଆନୁସଙ୍ଗିକ ବିଷୟରେ ଏହି ଅଭାବ ପରିଲକ୍ଷିତ ହେଉଛି ।

(ଗ) **ଭାଗୀଦାରୀତାର ଅଭାବ**:- ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ଅନୁଷ୍ଠାନ ମାନଙ୍କର ଜ୍ଞାନ କୌଶଳ ଉପଲବ୍ଧ ହେଉଥିବା ସତ୍ତ୍ୱେ ଏହାକୁ ଉପଯୋଗ କରିବା ସମ୍ଭବପର ହେଉନାହିଁ । ଏହି ଦିଗରେ ଆବଶ୍ୟକୀୟ ନୀତି ପ୍ରଣୟନର ଆବଶ୍ୟକତା ରହିଛି ।

(ଘ) **ପ୍ରାକୃତିକ ବିପର୍ଯ୍ୟୟ** :- ରାଜ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ମରୁଡି ଆଦିର ସମ୍ମୁଖୀନ ହେଉଛି ଯାହା କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ବିଗତବର୍ଷ ମାନଙ୍କରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲହାନି ପାଇଁ ପର୍ଯ୍ୟାପ୍ତ ବୀମା ସୁବିଧା ଏକ ସମସ୍ୟା ହୋଇ ରହିଆସିଛି, ଯାହାର ପ୍ରତିକାର ଆବଶ୍ୟକ ।

**12.** ପରମ୍ପରାକ୍ରମେ, କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ବ୍ୟୟ ବରାଦ ସାଧାରଣ ବଜେଟ୍‌ରେ ହେଉଥିଲା । ଅନେକ ଯୋଜନା ମାଧ୍ୟମରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ବ୍ୟୟ ବରାଦରେ ଯଥେଷ୍ଟ ବୃଦ୍ଧି ହୋଇଥିବା ସତ୍ତ୍ୱେ ତାହାର ପ୍ରଭାବ ଦୃଷ୍ଟି ଗୋଚର ହେଉନାହିଁ କାରଣ କୃଷି କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇପାରିନାହିଁ । ତେଣୁ କୃଷି କ୍ଷେତ୍ରରେ ବିକାଶକୁ ଅଧିକ ଗତିଶୀଳ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ ।

13. ତେଣୁ, କୃଷିକ୍ଷେତ୍ରର ସାମଗ୍ରୀକ ବିକାଶ ପାଇଁ ଏବଂ ଏହାର ପୁରୋଧା କୃଷକମାନଙ୍କର କଲ୍ୟାଣକୁ ଆମ ସରକାର ପ୍ରାଧାନ୍ୟ ଦେଇଆସିଛି । ଏହି ପୃଷ୍ଠଭୁମିରେ କୃଷି, ଉଦ୍ୟାନ୍ୟ କୃଷି, ପଶୁପାଳନ, ରେଶମଚାଷ, ମତ୍ସ୍ୟଚାଷ, କୃଷି ବିପଣନ, ସମବାୟ୍ ଏବଂ ଜଳସେଚନ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି ।

14. ଏହି କୃଷି ବଜେଟ୍, କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ସମସ୍ୟା ସବୁକୁ ପ୍ରତିହତ କରିବାର ଏକ ସାମଗ୍ରୀକ ପ୍ରୟାସର ପ୍ରତିଫଳନ । ଏହା ମୋର ଦୃଢ ବିଶ୍ୱାସ ଯେ ଏହି କୃଷି ବଜେଟ୍ କୃଷିର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ଯାହାଫଳରେ ଏହା ସାଧନକ୍ଷମ ଓ ଅଧିକ ଲାଭଜନକ ହୋଇପାରିବ ।

## କୃଷିକ୍ଷେତ୍ରରେ ବ୍ୟୟ୍ ବରାଦ

### 15. କୃଷି ବିଭାଗ

**15.1** ବର୍ତ୍ତମାନ ମୁଁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିଭିନ୍ନ ଉପକ୍ଷେତ୍ରର ବ୍ୟୟ୍ ବରାଦ ସଂମ୍ପର୍କରେ ଆଲୋକପାତ କରିବାକୁ ଯାଉଛି । ଉଭୟ୍ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ କୃଷି ବିଭାଗର ବ୍ୟୟ୍ ବରାଦ 2012-13 ଆର୍ଥିକ ବର୍ଷରେ 1519.31 କୋଟି ଥିଲାବେଳେ 2013-14 ଆର୍ଥିକ ବର୍ଷ ପାଇଁ 1823.77 କୋଟିକୁ ବୃଦ୍ଧି କରାଯାଉଛି ଯାହା ପ୍ରାୟ୍ 20 ପ୍ରତିଶତ ଅଧିକ ଅଟେ । ଅଣଯୋଜନା କାର୍ଯ୍ୟରେ ବ୍ୟୟ୍‌ବରାଦ 2012-13 ଆର୍ଥିକ ବର୍ଷରେ 390.35 କୋଟି ଥିଲାବେଳେ 2013-14 ଆର୍ଥିକ ବର୍ଷ ପାଇଁ 426.53 କୋଟିକୁ ବୃଦ୍ଧି କରାଯାଇଛି । ଯୋଜନା କ୍ଷେତ୍ରରେ ସାମଗ୍ରୀକ ବ୍ୟୟ୍ ବରାଦ 2012-13 ଆର୍ଥିକ ବର୍ଷରେ 1128.96 କୋଟି ଟଙ୍କା ଥିଲା ତାହା 2013-14 ଆର୍ଥିକ ବର୍ଷପାଇଁ 1397.96 କୋଟି ଟଙ୍କାକୁ ବୃଦ୍ଧି କରାଯାଉଛି ଯାହାକି 24 ପ୍ରତିଶତ ଅଧିକ ଅଟେ ।

ଅଣଯୋଜନା କ୍ଷେତ୍ରରେ ହେଉଥିବା 426.53 କୋଟି ଟଙ୍କାର ବ୍ୟୟବରାଦ ବିଭିନ୍ନ ଫସଲ ପାଇଁ କୃଷି ବିକାଶ କାର୍ଯ୍ୟକ୍ରମର ଯୋଜନା ପ୍ରଣୟନ, ତଦାରଖ ଓ ଗବେଷଣା ସଂସ୍ଥାଗୁଡିକର ରକ୍ଷଣାବେକ୍ଷଣ, କୃଷି ସଂପ୍ରସାରଣ ସେବା, ପରୀକ୍ଷାମୂଳକ ପ୍ରଦର୍ଶନ କ୍ଷେତ୍ର ଓ ଫାର୍ମ ପରିଚାଳନା, ଭୂମି ଓ ଜଳ ସଂରକ୍ଷଣ ସମେତ ଜଳ ବିଭାଜିକା ପ୍ରକଳ୍ପର ବିକାଶ, ଉଦ୍ୟାନ କୃଷି ଓ ଫୁଲ ଚାଷର ଉନ୍ନତି, ବିହନ ପ୍ରମାଣୀକରଣ ଇତ୍ୟାଦି ନିମିତ୍ତ ଗଢାଯାଇଥିବା ବିଭିନ୍ନ କ୍ଷେତ୍ରୀୟ ଅନୁଷ୍ଠାନରେ ନିୟୋଜିତ ମାନବସମ୍ବଳ ସମ୍ବନ୍ଧୀୟ ଖର୍ଚ୍ଚ ଓ ଅନ୍ୟାନ୍ୟ ଆନୁସଙ୍ଗୀକ ପରିଚାଳନା ଗତ ଖର୍ଚ୍ଚପାଇଁ ଉଦ୍ଦିଷ୍ଟ ।

15.2 ଯୋଜନା ଅନ୍ତର୍ଗତ 1397.96 କୋଟି ଟଙ୍କାର ବ୍ୟୟବରାଦ ବିଭିନ୍ନ ଉପକ୍ଷେତ୍ର ଯଥା:- ଫସଲ ଉତ୍ପାଦନ, ଉଦ୍ୟାନକୃଷି, ଭୂମି ଓ ଜଳ ସଂରକ୍ଷଣ, କୃଷି ଗବେଷଣା ଓ ଶିକ୍ଷା ଏବଂ ଅନ୍ୟାନ୍ୟ କୃଷିଭିତ୍ତିକ କାର୍ଯ୍ୟକ୍ରମ ଗୁଡିକର ରୂପାୟନ ନିମନ୍ତେ ଉଦ୍ଦିଷ୍ଟ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ସ୍ୱତନ୍ତ୍ର ପ୍ୟାକେଜର ଅଂଶବିଶେଷ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ପାଇଁ ଯଥେଷ୍ଟ ବ୍ୟୟ ବରାଦ କରାଯାଉଛି , ଯାହା ସମ୍ବନ୍ଧରେ ମୁଁ ଏଠାରେ ଉଲ୍ଲେଖ କରିବା ଉଚିତ୍ ମନେକରୁଛି ।

| 15.3 | **କୃଷି ସଂପ୍ରସାରଣ ସମ୍ପର୍କ ରେ ସଘନ ପ୍ରଚାର ଅଭିଯାନ** | **:** | **7.00 କୋଟି ଟଙ୍କା** |
|---|---|---|---|

ସଂପ୍ରସାରଣ, କୃଷି କ୍ଷେତ୍ରରେ ଜ୍ଞାନ କୌଶଳ ହସ୍ତାନ୍ତର ପ୍ରକ୍ରିୟାରେ ଏବଂ ମାନବ ସମ୍ବଳ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଅଗ୍ରଣୀ ଓ ପ୍ରଗତିଶୀଳ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରେ । ଏହାଦ୍ୱାରା କୃଷି ସଂକ୍ରାନ୍ତୀୟ ବ୍ୟବହାରିକ ଜ୍ଞାନ ସହିତ ଉନ୍ନତ ମାନର ବିହନ, ସାର, ଯନ୍ତ୍ରପାତି, କୀଟନାଶକ ଓ ପରମ୍ପରାଗତ କୃଷି ପଦ୍ଧତିର ପ୍ରୟୋଗ ସମ୍ବନ୍ଧୀୟ ସୂଚନାର ପ୍ରଚାର ଓ ପ୍ରସାର ହେବ । କୃଷି ସଂପ୍ରସାରଣ ପାଇଁ

ସଘନ ପ୍ରଚାର ଅଭିଯାନରେ କୃଷି ସ୍ନାତକ ମାନଙ୍କ ଦ୍ୱାରା ପରାମର୍ଶ ପ୍ରଦାନ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଞ୍ଚାୟତିରାଜ ଅନୁଷ୍ଠାନ ଓ ସମବାୟ ସଂସ୍ଥା ଗୁଡିକୁ ସଂପ୍ରସାରଣ କାର୍ଯ୍ୟରେ ନିୟୋଜିତ କରାଯିବ । ଏହା କୃଷକମାନଙ୍କୁ ନିଜ ନିଜ ମଧ୍ୟରେ କୃଷି ସମ୍ବନ୍ଧୀୟ ଜ୍ଞାନ ବିତରଣ ନିମନ୍ତେ ଉତ୍ସାହିତ କରିବା ସହ କୃଷି ଗବେଷଣା ଅନୁଷ୍ଠାନ ସହିତ ସଂଯୁକ୍ତ କରିବ । ସୂଚନା କେନ୍ଦ୍ର ଓ କୃଷି ସୂଚନା ଏବଂ ପରାମର୍ଶ କେନ୍ଦ୍ର, ଗଣ ମାଧ୍ୟମ ଦ୍ୱାରା ପ୍ରଚାର ଏବଂ ଅନ୍ୟାନ୍ୟ ମାଧ୍ୟମରେ କୃଷି ସୂଚନାର ବିକିରଣ ଆଦି ଏହି କାର୍ଯ୍ୟକ୍ରମର ଅଂଶବିଶେଷ ।

**15.4 ଜୈବିକ କୃଷି : 5.50 କୋଟି ଟଙ୍କା**

ଜୈବିକ କୃଷି ପରିବେଶର ନିଜସ୍ୱ ପଦ୍ଧତିରେ କୀଟ ଓ ରୋଗ ନିୟନ୍ତ୍ରଣ ସହ ରାସାୟନିକ ସାର, ହରମୋନ୍, ଆଣ୍ଟିବାୟୋଟିକ୍ ବିନା ପ୍ରୟୋଗରେ ଫସଲ ଓ ପଶୁ ସମ୍ପଦର ବିକାଶ କରିଥାଏ । ଏହା ପରିବେଶ ଅନୁକୂଳ ହୋଇଥିବାରୁ ପ୍ରଦୂଷଣର ମାତ୍ରା ହ୍ରାସ କରିଥାଏ, ଭାରତ ସରକାର 2004-05ରେ କେନ୍ଦ୍ର ଯୋଜନାରେ ରାଷ୍ଟ୍ରୀୟ ଜୈବିକ କୃଷି ପ୍ରୋତ୍ସାହନ ପ୍ରକଳ୍ପ ଆରମ୍ଭ କରିଥିଲେ, ଯାହାପାଇଁ ବର୍ତ୍ତମାନ କୌଣସି ଅର୍ଥ ଦିଆଯାଉନାହିଁ, ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ନିମନ୍ତେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ରାଜ୍ୟ ଯୋଜନାରେ 2013-14 ଆର୍ଥିକ ବର୍ଷରେ 5.50 କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଏଥିରେ କୃଷି ବିଭାଗ ଜିଆଖତ ଉତ୍ପାଦନ କେନ୍ଦ୍ର, ବାୟୋଗ୍ୟାସ ଇଉନିଟ୍ ପ୍ରତିଷ୍ଠା, ସବୁଜ ଖତ, ଜୈବିକ କୀଟନାଶକ ଓ ସାରର ପ୍ରୟୋଗ ଏବଂ ବିଭିନ୍ନ ଅଞ୍ଚଳରେ ପୁରାତନ ଫସଲ କିଶମର ସଂରକ୍ଷଣ ନିମନ୍ତେ ଜିନ୍ ବ୍ୟାଙ୍କର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବେ ।

**15.5 ଅମଳ ପରବର୍ତ୍ତୀ ପରିଚାଳନା ନିମନ୍ତେ ଭିତ୍ତିଭୂମିର ବିକାଶ : 3.00 କୋଟି ଟଙ୍କା**

ଆମ ଦେଶର ବାର୍ଷିକ ପ୍ରାୟ 12 ରୁ 15 ପ୍ରତିଶତ ଖାଦ୍ୟ ଶସ୍ୟ, 20 ରୁ 30 ପ୍ରତିଶତ ପନିପରିବା ଓ ଫଳ ଉତ୍ପାଦନ ଓ 10 ରୁ 15 ପ୍ରତିଶତ ପଶୁ ଓ ମତ୍ସ୍ୟଜାତ ଦ୍ରବ୍ୟ, ଉପଯୁକ୍ତ ପ୍ରକ୍ରିୟାକରଣ, ସଂରକ୍ଷଣ ଜ୍ଞାନ କୌଶଳର ଅଭାବ ଏବଂ ପରିବହନ ଓ ଭଣ୍ଡାରଣ ସୁବିଧା ନଥିବାରୁ ନଷ୍ଟ ହୋଇଥାଏ । ଅମଳ ପରବର୍ତ୍ତୀ ଜ୍ଞାନ କୌଶଳ ଓ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର କେନ୍ଦ୍ର ଯୋଜନା ଅଧିନରେ ଅମଳ ପରବର୍ତ୍ତୀ କୃଷି ଯନ୍ତ୍ରପାତିକୁ ଲୋକପ୍ରିୟ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏହି ବାବଦରେ 2 କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଆମେ ଅଧିକ 1 କୋଟି ଟଙ୍କା ଏ ବାବଦରେ ବ୍ୟୟ ବରାଦ କରୁଛୁ । ଏହାଦ୍ୱାରା କୃଷକମାନେ ବିଜ୍ଞାନ ସମ୍ମତ ପ୍ରଣାଳୀରେ ଫସଲ ଅମଳ କରି ଅଯଥା କ୍ଷତି ରୋକିପାରିବେ ଏବଂ ଫଳ ଓ ପନିପରିବାର ମାନ ନିର୍ଦ୍ଧାରଣ, ପ୍ୟାକିଙ୍ଗ୍ ଓ ପରିବହନ ସୁବିଧା ପାଇ ଅଧିକ ଲାଭବାନ ହେବେ ।

**15.6 କୃଷି ଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା : 2.00 କୋଟି ଟଙ୍କା**

କୃଷି ଭିତ୍ତିକ ଶିଳ୍ପ ବିଶେଷତଃ କୃଷି ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଅର୍ଥନୀତିକୁ ବହୁଭାବରେ ସମୃଦ୍ଧ କରିଥାଏ । ଏହିଭଳି ଶିଳ୍ପ ସଂସ୍ଥା ଗୁଡ଼ିକ ଗ୍ରାମାଞ୍ଚଳରେ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା, କର୍ମ ନିୟୋଜନ ଏବଂ ଆୟ ବୃଦ୍ଧିର ସୁଯୋଗ ସୃଷ୍ଟିରେ ସହାୟକ ହୋଇପାରିବେ । ଆମେ କୃଷି ଭିତ୍ତିକ ଶିଳ୍ପ ନିମନ୍ତେ ଓଡିଶା ଶିଳ୍ପ ଭିତ୍ତିଭୂମୀ ବିକାଶ ନିଗମ ମାଧ୍ୟମରେ କୃଷି ଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ଯୋଜନା ରଖିଛୁ । ଏହି ଶିଳ୍ପାଞ୍ଚଳ ଗୁଡିକ ଆଗ୍ରହୀ ଶିଳ୍ପଦ୍ୟୋଗୀ ମାନଙ୍କ ଦ୍ୱାରା କୃଷି ଭିତ୍ତିକ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାରେ ସହାୟକ ହେବ । ଏହି କାର୍ଯ୍ୟ ପାଇଁ 2.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| 15.7 | 10 ଗୋଟି କୃଷି ପଲିଟେକନିକ୍ ପ୍ରତିଷ୍ଠା | : | 3.27 କୋଟି ଟଙ୍କା |
|---|---|---|---|

କୃଷି, ଉଦ୍ୟାନ କୃଷି, ପ୍ରାଣିଚିକିତ୍ସା ଓ ମତ୍ସ୍ୟ ବିଜ୍ଞାନରେ ସ୍ନାତକ ଶିକ୍ଷାଲାଭ ପରେ ଛାତ୍ର ଛାତ୍ରୀମାନେ ସଂପୃକ୍ତ ବିଭାଗରେ ଉଚ୍ଚତର ଶିକ୍ଷାଲାଭ ଅଥବା ସରକାରୀ ଓ ବେସରକାରୀ ସଂସ୍ଥାରେ କର୍ମ ସଂସ୍ଥାନ ପାଇଁ ଯାଇଥାନ୍ତି । ତେଣୁ ଗ୍ରାମାଞ୍ଚଳରେ କୃଷକ ମାନଙ୍କୁ ବୈଷୟିକ ସହାୟତା ଦେବାପାଇଁ ଉପଯୁକ୍ତ ତାଲିମ ପ୍ରାପ୍ତ ମାନବ ସମ୍ବଳର ଅଭାବ ରହିଛି । ତେଣୁ ଆମେ କୃଷି, ଉଦ୍ୟାନ କୃଷି, ପ୍ରାଣିଚିକିତ୍ସା ଓ ମତ୍ସ୍ୟ ବିଜ୍ଞାନରେ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ 10 ଗୋଟି କୃଷି ପଲିଟେକ୍ନିକ ପ୍ରତିଷ୍ଠା ପାଇଁ ଯୋଜନା କରିଛୁ । ଏହି ଡିପ୍ଲୋମାଧାରୀମାନେ କୃଷକ ସମାଜକୁ ସେମାନଙ୍କର ଉତ୍ପାଦନ ଓ ଆୟ ବୃଦ୍ଧି ପାଇଁ ଆବଶ୍ୟକୀୟ ବୈଷୟିକ ସହାୟତା ପ୍ରଦାନ କରିବେ । ଏଥିପାଇଁ 3.27 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।

| 15.8 | ମୃତ୍ତିକା-ପରୀକ୍ଷା ଏବଂ ଗୁଣାତ୍ମକ ମାନ ନିୟନ୍ତ୍ରଣ ପରୀକ୍ଷାଗାର ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା | : | 2.00 କୋଟି ଟଙ୍କା |
|---|---|---|---|

ପୃଥୀବୀରେ ଜୀବନ ଧାରଣ ପାଇଁ ମୃତ୍ତିକା ହେଉଛି ମୌଳିକ ପ୍ରାକୃତିକ ସଂପଦ । ଅଧିକ ଫସଲ ଉତ୍ପାଦନ ଭୂମିର ଉର୍ବରତା ଉପରେ ଅନେକାଂଶରେ ନିର୍ଭରଶୀଳ । ଚାଷ ଜମି ଓ ସାମଗ୍ରିକ ପରିବେଶ ସ୍ତରରେ ମୃତ୍ତିକାର ଗୁଣାତ୍ମକ ମାନ କ୍ରମସ ହ୍ରାସ ପାଉଅଛି ରାସାୟନିକ ସାରର ନିର୍ବିଚାର ପ୍ରୟୋଗ, ମୃତ୍ତିକାକ୍ଷୟ, ଅବରୁଦ୍ଧ ଜଳ, ଭାରିଧାତୁ ଓ କୀଟନାଶକ ପଦାର୍ଥର ସଂକ୍ରମଣ ଦ୍ଵାରା ମୃତ୍ତିକା ସ୍ୱାସ୍ଥ୍ୟର ଅବନତି ଓ ଉର୍ବରତା ହ୍ରାସ ଘଟୁଛି । ମୃତ୍ତିକା ପରୀକ୍ଷା ପରେ ଆବଶ୍ୟକିୟ ସାରର ଉପଯୋଗ ଦ୍ଵାରା ମୃତ୍ତିକା ସ୍ୱାସ୍ଥ୍ୟର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଥାଏ । ରାଜ୍ୟର ବିଭିନ୍ନ କୃଷି-ଜଳବାୟୁ ମଣ୍ଡଳ (Agro-climatic Zone) ରେ ମୃର୍ତ୍ତିକା ପରୀକ୍ଷା ଓ ମାନ ନିୟନ୍ତ୍ରଣ ପରୀକ୍ଷାଗାର ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ 2.00 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

| | | | |
|---|---|---|---|
| 15.9 | **ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମ ଏବଂ ଏହାର କାର୍ଯ୍ୟକାରୀତା ପାଇଁ ବ୍ୟୟ** | **:** | **22.00 କୋଟି ଟଙ୍କା** |

**15.9.1** ଆମ ରାଜ୍ୟରେ ବର୍ଷାଜଳ ପୁଷ୍ଟ ଅଞ୍ଚଳରୁ ବହୁମାତ୍ରାରେ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥାଏ । ଜଳବିଭାଜିକା ବିକାଶ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଭୂସଂପଦର ସୁରକ୍ଷା, ସଂରକ୍ଷଣ ଓ ଉନ୍ନତି ସାଧନ ଯାହାଫଳରେ ନିରନ୍ତର ଅଧିକ ଉତ୍ପାଦନ ହୋଇପାରିବ । ଏହା ମରୁଡିର ପ୍ରତିକାର ପାଇଁ ବର୍ଷାଜଳର ସଂରକ୍ଷଣ କରିବାରେ ସହାୟକ ହୋଇଥାଏ । ଅନ୍ୟ ଭାଷାରେ ଏହା ସ୍ଥାନୀୟ ସଂପଦର ବିନିଯୋଗରେ କୃଷି ଓ ଆନୁଷଙ୍ଗିକ ବୃତ୍ତିରେ ଉନ୍ନତିସାଧନ କରିଥାଏ । ଜଳବିଭାଜିକା ବିକାଶ ମିଶନ୍ ଏକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା - ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମ (IWMP) ଅଧିନରେ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ମିଳୁଥିବା କେନ୍ଦ୍ରୀୟ ସହାୟତା ସିଧାସଳଖ କାର୍ଯ୍ୟକାରୀ ସଂସ୍ଥାକୁ ଦିଆ ଯାଇଥାଏ । 2013-14ରେ ଆମେ ରାଜ୍ୟ ଅଂଶବାବଦକୁ 10.00 କୋଟି ଟଙ୍କା ଏ ବାବଦକୁ ବ୍ୟୟବରାଦ କରିଛୁ ।

**15.9.2** ଦ୍ୱାଦଶ ପଞ୍ଚ ବାର୍ଷିକ ଯୋଜନାରେ ଜଳବିଭାଜିକା ଉନ୍ନୟନ ପ୍ରକ୍ରିୟାରେ ଏକ ନିୟୁତ ହେକ୍ଟର ଜମି କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟରେ ଏକ ଆନୁଷ୍ଠାନିକ ବ୍ୟବସ୍ଥା ସୃଷ୍ଟି ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ତଦନୁଯାୟୀ ଜଳବିଭାଜିକା ଉନ୍ନୟନ ମିଶନ୍ କୁ ଆବଶ୍ୟକୀୟ କାର୍ଯ୍ୟକାରୀ ଓ ବୈଷୟୀକ ସହାୟତା ଦେବାକୁ ଜଣେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧିନରେ 26ଟି ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ସୃଷ୍ଟି କରାଯାଇଛି । ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ପାଇଁ ଏକ ନୂତନ ପରିଯୋଜନା ପ୍ରଣୟନ ପାଇଁ 12.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହାଦ୍ୱାରା

ଏହି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଉପଲବ୍‌ଧ ଅର୍ଥରାଶୀର ବିନିଯୋଗ ପରିମାଣ ବୃଦ୍ଧି ପାଇବ । ଏହି ଦୁଇଟି ଯୋଜନାରେ ବ୍ୟୟବରାଦ 22.00 କୋଟି ଟଙ୍କା ହେବ ।

16. ବର୍ତ୍ତମାନ ମୁଁ ପ୍ରଚଳିତ ଯୋଜନା ଗୁଡିକରେ ବ୍ୟୟବରାଦ ସଂମ୍ପର୍କରେ ସୂଚନା ଦେବାକୁ ଯାଉଛି ।

16.1 **ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା : 520.00 କୋଟି ଟଙ୍କା**

ଅତିରିକ୍ତ କେନ୍ଦ୍ରୀୟ ସହାୟତା ଭିତ୍ତିରେ ପରିଚାଳିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏକ ବହୁମୁଖୀ ଯୋଜନା ଅଟେ । ଯାହା ଅଧିନରେ ପଶୁପାଳନ, କୁକୁଡା ପାଳନ ଓ ମତ୍ସ୍ୟପାଳନ ପାଇଁ ସ୍ୱତନ୍ତ୍ର ଅଂଶ ରହିଛି । ଦେଶର ପୂର୍ବାଞ୍ଚଳରେ ସବୁଜ ବିପ୍ଳବ ଆଣିବା ପାଇଁ ଏହା ଅନ୍ତର୍ଗତ ଏକ ଉପଯୋଜନା କାର୍ଯ୍ୟକାରୀ କରାଯାଉଛି । 2013-14 ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବ୍ୟୟ ବରାଦ 520.00 କୋଟି ଟଙ୍କା ରଖାଯାଇଛି ଯାହା ପୂର୍ବ ଆର୍ଥିକ ବର୍ଷରେ ଥିବା 392.66 କୋଟି ଟଙ୍କା ବ୍ୟୟ ବରାଦରୁ ଯଥେଷ୍ଟ ଅଧିକ ।

16.2 **"ଜଳନିଧି" ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ଭୂତଳ ଜଳର ପୋଶଣୀୟ ଉପଯୋଗ : 290.00 କୋଟି ଟଙ୍କା**

ଜଳନିଧି ଯୋଜନାରେ ରାଜ୍ୟସରକାର ନାବାର୍ଡରୁ ଋଣ ଆଣି କୃଷକ ମାନଙ୍କର ଅଗଭିର ଓ ଗଭିର କୂପ ଓ ନଳକୂପ ଖନନ ତଥା ନଦୀ ଓ ଭୂପୃଷ୍ଠ ଜଳ ଦ୍ୱାରା ଉଠାଜଳସେଚନ ପାଇଁ ଆର୍ଥିକ ସହାୟତା ନିଅନ୍ତି । 2012-13 ଆର୍ଥିକ ବର୍ଷରେ ଏଥିପାଇଁ 100.00 କୋଟି ଟଙ୍କା ବ୍ୟୟ ବରାଦ ଥିବାବେଳେ 2013-14 ଆର୍ଥିକ ବର୍ଷରେ ତାହାକୁ 125 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । 2010-11 ଆର୍ଥିକ ବର୍ଷରେ 26 ଟି ଜିଲ୍ଲାରେ ଜଳକ୍ଲିଷ୍ଟ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ଉପଯୋଗ ପାଇଁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନା

କୃଷକମାନଙ୍କ ମଧ୍ୟରେ ବିପୁଳ ଲୋକପ୍ରିୟତା ହାସଲ କରିଛି । ଅଦ୍ୟାବଧି 13432 ଗୋଟି ନଳକୂପ ସଫଳତାର ସହ ଖନନ ହୋଇ ପାରିଛି ଯାହା ଦ୍ୱାରା 26864 ହେକ୍ଟର ଜମି ଜଳସେଚିତ ହୋଇ ପାରିବ । ଏଥି ମଧ୍ୟରୁ 4545 ଟି ନଳକୂପକୁ କାର୍ଯ୍ୟକ୍ଷମ କରାଯାଇ ସଂପୃକ୍ତ ହିତାଧିକାରୀ ମାନଙ୍କୁ ହସ୍ତାନ୍ତର କରାଯାଇଛି । ଏହି ନଳକୂପ ଗୁଡିକୁ ବିଦ୍ୟୁତ ସଂଯୋଗର ସମସ୍ତ ଖର୍ଚ୍ଚ ସହ ପ୍ରକଳ୍ପ ଅଟକଳର 90 ପ୍ରତିଶତ ଆର୍ଥିକ ସହାୟତା ଦିଆଯାଇଛି । ଏହି ଯୋଜନା ଓଡିଶା ଉଠା ଜଳସେଚନ ନିଗମ ମାଧ୍ୟମରେ କାର୍ଯ୍ୟକାରୀ ହେଉଅଛି । 2012-13 ଆର୍ଥିକ ବର୍ଷରେ ଥିବା 150.00 କୋଟି ବ୍ୟୟ ବରାଦକୁ 2013-14 ଆର୍ଥିକ ବର୍ଷରେ 165.00 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ 3000.00 କୋଟି ଟଙ୍କା ବ୍ୟୟରେ ଏହିଭଳି 1 ଲକ୍ଷ ନଳକୂପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଛି । ଯାହାମଧ୍ୟରୁ 2013-14 ଆର୍ଥିକ ବର୍ଷରେ 25000 ନଳକୂପ ପ୍ରତିଷ୍ଠା କରାଯିବାକୁ ପ୍ରସ୍ତାବ ରହିଛି । ଏହି ଦୁଇଟି ଯୋଜନା ପାଇଁ ସମୁଦାୟ ବ୍ୟୟ ବରାଦ 290.00 କୋଟି ଟଙ୍କା ରଖାଯାଇଛି ।

### 16.3 କୃଷି ସାମଗ୍ରୀ (Input) ପାଇଁ ସହାୟତା (Subsidy) : 42.00 କୋଟି ଟଙ୍କା

ସ୍ୱାଧୀନତା ପରେ କୃଷି ଉତ୍ପାଦନରେ ଅଭିବୃଦ୍ଧି ଅଧିକ କୃଷି ସାମଗ୍ରୀ(Input) ଉପଯୋଗ ମାଧ୍ୟମରେ ହୋଇପାରିଛି । ଉତ୍ପାଦନରେ ଅଧିକ ଅଭିବୃଦ୍ଧି ପାଇଁ ମୁଖ୍ୟ ସାମଗ୍ରୀ ଗୁଡିକୁ ହେଲା - ଉଚ୍ଚମାନର ବିହନ, ରାସାୟନିକ ସାର, ଜଳସେଚନ, କୀଟନାଶକ, କୃଷି ଯନ୍ତ୍ରପାତି ଓ ଉପକରଣ ଇତ୍ୟାଦି । କୃଷକମାନଙ୍କର ସ୍ୱଳ୍ପଆୟ ଦୃଷ୍ଟିରୁ ସେମାନଙ୍କ ପକ୍ଷେ ଆଧୁନିକ କୃଷି ଯନ୍ତ୍ରପାତି ଓ ଉପକରଣ ଇତ୍ୟାଦି ଉପଯୋଗ କରିବା ଦୂରୁହ ମନେ ହୁଏ । ଏ ସବୁ ଉପଲବ୍ଧ କରିବାକୁ ସ୍ୱଳ୍ପହାରର ଏବଂ ସମୟୋପଯୋଗୀ ଋଣ ସୁବିଧା ମଧ୍ୟ ସୀମିତ । ଯଦିଓ ସରକାରୀ ପୁଞ୍ଜି ନିବେଶ ତୁଳନାରେ

କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଏତେ ଫଳପ୍ରଦ ନୁହେଁ, କୃଷକମାନଙ୍କର ଅତ୍ୟାବଶ୍ୟକ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କୁ ଆର୍ଥିକ ସହାୟତା ଦେଇ ଆସୁଛନ୍ତି । 2013-14 ଆର୍ଥିକ ବର୍ଷରେ କୃଷି ଓ ଉଦ୍ୟାନ କୃଷିରେ ନିୟୋଜିତ କୃଷକମାନଙ୍କୁ କୃଷି ସାମଗ୍ରୀ କ୍ରୟ କରିବା ପାଇଁ 42.00 କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରସ୍ତାବ ରହିଛି, ଯାହା 2012-13 ଆର୍ଥିକ ବର୍ଷରେ 40.00 କୋଟି ଟଙ୍କା ରହିଥିଲା ।

### 16.4 କୃଷି ଯନ୍ତ୍ରପାତି ସମେତ ଡିଜେଲ ପମ୍ପର ବହୁଳ ବ୍ୟବହାର : 100.00 କୋଟି ଟଙ୍କା

କୃଷିର ଯାନ୍ତ୍ରିକ କରଣ ସମୟ ଓ ଶ୍ରମ ସଞ୍ଚୟରେ ସାହାଯ୍ୟ କରିବା ସହିତ ଶସ୍ୟ ଉତ୍ପାଦନର ଖର୍ଚ୍ଚ କମାଇ ଥାଏ ଏବଂ ଶସ୍ୟ ଉତ୍ପାଦନ ସହିତ କୃଷକର ଆୟ ବୃଦ୍ଧି କରିଥାଏ । କୃଷିର ଯାନ୍ତ୍ରିକ କରଣ ଓ କୃଷି ଉତ୍ପାଦନ ମଧ୍ୟରେ ଏକ ସୁସମ୍ପର୍କ ରହିଛି । ହସ୍ତ ଚାଳିତ ଓ ଗୋ ଚାଳିତ ଯନ୍ତ୍ରପାତି ସମେତ, ଟ୍ରାକ୍ଟର, ପାୱାର ଟିଲର, ରିପର, ଟ୍ରାନ୍ସପ୍ଲାଣ୍ଟରସ, ରୋଟାଭେଟରସ୍, ପାୱାର ଥ୍ରେସରସ୍, କମ୍ବାଇନ୍ଡ ହାରଭେଷ୍ଟରସ, ହାଇଡ୍ରୋଲିକ୍ ଟ୍ରେଲରସ, ପମ୍ପସେଟ୍ ଓ ଶକ୍ତି ଚାଳିତ ଯନ୍ତ୍ରପାତି ସମେତ ବିଭିନ୍ନ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏହା ବିଭିନ୍ନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ରେ ଦିଆଯାଉଥିବା ସୁବିଧା ସହ ମିଳିଥାଏ, ଯାହା କୃଷକମାନଙ୍କର ଅତିରିକ୍ତ ଆବଶ୍ୟକତାକୁ ପୂରଣ କରିପାରୁଛି । ଏ ବାବଦ ବ୍ୟୟ ବରାଦ 2012-13 ଆର୍ଥିକ ବର୍ଷରେ ୨0.00 କୋଟି ଟଙ୍କା ଥିଲା ବେଳେ 2013-14 ରେ 100.00 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

16.5 **ଅଣୁ ଜଳସେଚନ : 25.00 କୋଟି ଟଙ୍କା**

ଅଣୁ ଜଳସେଚନ ମାଧ୍ୟମରେ ଅଧିକ ଅଞ୍ଚଳକୁ ଜଳ ସେଚିତ କରିହେବ ଏବଂ ଏହା ମଧ୍ୟ ଜଳର ବ୍ୟବହାର କ୍ଷେତ୍ରରେ ଏକ ସୁଦକ୍ଷ ପ୍ରଣାଳୀ । ବର୍ଷା ଜଳ ଉପରେ ନିର୍ଭରଶୀଳ ସ୍ଥାନ ମାନଙ୍କରେ କମ୍ ଜଳ ଉପଯୋଗରେ ଉତ୍ପାଦିତ ଶସ୍ୟ କ୍ଷେତ୍ରରେ ଏହା ଦ୍ୱାରା ଜଳସେଚନ ସୁବିଧା ଯୋଗାଇଦେବା ସମ୍ଭବ ହୁଏ । ଉଦ୍ୟାନ କୃଷି ପାଇଁ ଏହା ବିଶେଷ ଉପଯୋଗୀ । ଫଳ ଚାଷ, ପରିବା ଚାଷ, ଔଷଧୀୟ ଗୁଳ୍ମ ଚାଷରେ ବୁନ୍ଦା ଜଳସେଚନକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଙ୍କ ପକ୍ଷରୁ ଯଥାକ୍ରମେ 40 ପ୍ରତିଶତ ଓ 30 ପ୍ରତିଶତ ହାରରେ କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ଦିଆଯାଉଛି । ଆମେ ରାଜ୍ୟ ଅଂଶଧନ ବାବଦକୁ ଏହାର ବ୍ୟୟବରାଦ 2012-13 ଆର୍ଥିକ ବର୍ଷରେ 7 କୋଟି ଟଙ୍କା ରଖିଥିଲା ବେଳେ 2013-14 ଆର୍ଥିକ ବର୍ଷରେ 22 କୋଟି ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରଖିଛୁ ।

16.6 **ଜାତୀୟ କୃଷି ଉଦ୍ୟାନ ମିଶନ : 20.00 କୋଟି ଟଙ୍କା**

ସତେଜ ଓ ପ୍ରକ୍ରିୟାକୃତ ଅଧିକ ମୂଲ୍ୟଯୁକ୍ତ କୃଷି ଉଦ୍ୟାନଜାତ ଦ୍ରବ୍ୟର ଚାହିଦା ମୁଣ୍ଡ ପିଛା ଆୟର ବୃଦ୍ଧି ସହିତ ବଢିବାରେ ଲାଗିଛି । ଏହା ସୂଚାଇ ଦିଏ ଯେ କୃଷି ଉଦ୍ୟାନ କ୍ଷେତ୍ରରେ ଚାହିଦା ଯଥେଷ୍ଟ ରହିଛି ଏବଂ ଏହାର ଉତ୍ପାଦନ ଓ ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି । ଜାତୀୟ କୃଷି ଉଦ୍ୟାନ ମିଶନ ମାଧ୍ୟମରେ ସମନ୍ୱିତ ପଦକ୍ଷେପ ଦ୍ୱାରା ଉତ୍ପାଦନ, ଅମଳ ପରବର୍ତ୍ତୀ ପରିଚାଳନା, କୃଷି ଉଦ୍ୟାନ ଦ୍ରବ୍ୟ ପ୍ରକ୍ରିୟାକରଣ ଓ ବିପଣନ କୌଶଳ ଦ୍ୱାରା ଉତ୍ପାଦନ ବୃଦ୍ଧି ସହ ପୁଷ୍ଟି ସାଧନ ଓ ଅଧିକ ଆୟ ସୃଷ୍ଟି କରାଯାଉଛି । ଏହା ଏକ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା ଯେଉଁଥିରେ କେନ୍ଦ୍ର ସରକାର 85 ପ୍ରତିଶତ ଓ ରାଜ୍ୟ ସରକାର ଅବଶିଷ୍ଟ 15 ପ୍ରତିଶତ ଦେଇଥାନ୍ତି । ଆମେ ଏହାର ରାଜ୍ୟ ଅଂଶଧନ ବାବଦକୁ ବ୍ୟୟବରାଦ 2012-13 ଆର୍ଥିକ ବର୍ଷରେ 16.74 କୋଟି

ଟଙ୍କାରୁ 2013-14 ଆର୍ଥିକ ବର୍ଷରେ 20.00 କୋଟି ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରଖିଛୁ ।

16.7 **ଅମ୍ଳଯୁକ୍ତ ମୃତ୍ତିକା ପରିଚାଳନା : 10.00 କୋଟି ଟଙ୍କା**

ରାଜ୍ୟ 70 ପ୍ରତିଶତ ଚାଷୋପଯୋଗୀ ଜମି ଅମ୍ଳଯୁକ୍ତ ହୋଇଥିବାରୁ ଏହା ଶସ୍ୟ ଉତ୍ପାଦନକୁ ପ୍ରଭାବିତ କରୁଛି । ମୃତ୍ତିକାକୁ ଅମ୍ଳମୁକ୍ତ କରିବାପାଇଁ 2007-08 ଆର୍ଥିକ ବର୍ଷରୁ ଏକ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହେଉଛି । ଅମ୍ଳଯୁକ୍ତ ମୃତ୍ତିକା ପରିଚାଳନା ପାଇଁ କାଗଜ ଶିଳ୍ପରୁ ନିର୍ଗତ ବର୍ଯ୍ୟବସ୍ତୁ (Paper Mill Sludge) କୁ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି । 2012-13 ଆର୍ଥିକ ବର୍ଷରେ ଏଥିପାଇଁ 3.00 କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ 2013-14 ଆର୍ଥିକ ବର୍ଷରେ ଏହାକୁ 10.00 କୋଟି ଟଙ୍କାକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି ।

16.8 **ଶ୍ରୀ(SRI) ପ୍ରଣାଳୀ ପାଇଁ ପ୍ରୋତ୍ସାହନ : 5.00 କୋଟି ଟଙ୍କା**

ଶ୍ରୀ ପ୍ରଣାଳୀ ମାଧ୍ୟମରେ ଜଳର ସଂରକ୍ଷଣ ଏବଂ ବିହନ ଓ ରାସାୟନିକ ସାରର ପ୍ରୟୋଗ କମାଯାଇପାରିବା ସହ ଅଧିକ ଶସ୍ୟ ଅମଳର ସୁଯୋଗ ରହିଛି । ଏହି ପ୍ରଣାଳୀରେ ଧାନଚାଷ ଦ୍ୱାରା ଉତ୍ପାଦନକ୍ଷେତ୍ରରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି । ଶ୍ରୀ ପ୍ରଣାଳୀକୁ ଅଧିକ ଲୋକପ୍ରିୟ କରିବା ପାଇଁ ଚାଷୀମାନଙ୍କ କ୍ଷେତରେ ଏହାର ପ୍ରଦର୍ଶନ କରା ଯାଇଥାଏ । 2012-13 ଆର୍ଥିକ ବର୍ଷରେ ଏହା ବାବଦକୁ 3.00 କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ 2013-14 ଆର୍ଥିକ ବର୍ଷରେ ଆମେ ଏହାକୁ 5.00 କୋଟି ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରଖାଯାଇଛି ।

**16.9 କୃଷି ନୀତି ଅଧିନରେ ଆର୍ଥିକ ପ୍ରୋତ୍ସାହନ(Subsidy) : 30.00 କୋଟି ଟଙ୍କା**

କୃଷି ନୀତି 2008 ଅଧିନରେ ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା ରହିଛି । 2012-13 ଆର୍ଥିକ ବର୍ଷ ଭଳି 2013-14 ଆର୍ଥିକ ବର୍ଷରେ ଏଥିପାଇଁ 30.00 କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

**16.10 ଜୀବିକା(JEEBIKA) : 14.21 କୋଟି ଟଙ୍କା**

ଓଡିଶା ଗ୍ରାମ୍ୟ ଜୀବନଧାରଣ ଯୋଜନା ବା ଜିବୀକା (JEEBIKA) ହେଉଛି ପ୍ରଚଳିତ ଜଳବିଭାଜିକା ପ୍ରକଳ୍ପ ଦ୍ୱାରା ଅତିରିକ୍ତ ଉପାର୍ଜନ ସୁଯୋଗ ସୃଷ୍ଟିର ଏକ ମାଧ୍ୟମ । ଜୀବିକା କାର୍ଯ୍ୟକ୍ରମ ଦ୍ୱାରା ଭୂମିହୀନ ଓ ଦରିଦ୍ର ପରିବାର ଗୁଡିକ ଯେଉଁମାନେ ଜଳବିଭାଜିକା ଯୋଜନାରେ ଉପକୃତ ହୋଇ ପାରୁ ନାହାନ୍ତି ସେମାନଙ୍କ ଜୀବନ ଧାରଣ ଆବଶ୍ୟକତାକୁ ପୂରଣ କରିବାକୁ ଉଦ୍ଦିଷ୍ଟ, ଯାହା ଦ୍ୱାରା ଦରିଦ୍ର ଓ ଦୁର୍ବଳଶ୍ରେଣୀର ପରିବାର ମାନେ ବିକଳ୍ପ ଜୀବନ ଧାରଣ ପନ୍ଥା ଦ୍ୱାରା ଉପକୃତ ହୋଇପାରିବେ । 2013-14 ଆର୍ଥିକ ବର୍ଷରେ ଏଥି ପାଇଁ 14.21 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

## 17. ସମବାୟ ବିଭାଗ

କୃଷିଭିତ୍ତିକ ଉତ୍ପାଦନ ପାଇଁ ଋଣ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥାଏ । ଏହା କୃଷକ ମାନଙ୍କର ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଚାହିଦା ମେଣ୍ଟାଇ ଥାଏ ଓ ତତ୍ ସହିତ ଆୟ ବୃଦ୍ଧି ପାଇଁ ପୁଞ୍ଜି ସମ୍ପତି ରେ ନିବେଶ ପାଇଁ ସୁବିଧା କରିଥାଏ । ବ୍ୟାଙ୍କ ଜାତୀୟକରଣ ହେବା ପର୍ଯ୍ୟନ୍ତ ସମବାୟ ଅନୁଷ୍ଠାନ ଗୁଡିକ ଗ୍ରାମାଞ୍ଚଳରେ ଋଣ ପ୍ରଦାନର ଏକ ମାତ୍ର ସଂସ୍ଥା ଥିଲା । ବ୍ୟାଙ୍କ ଜାତୀୟକରଣ ହେବା ପରେ ଅଧିସୂଚୀତ ବାଣିଜ୍ୟକ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ସାମିଲ ହେଲେ । ବହୁ ଭାବରେ ବାଣିଜ୍ୟକ ବ୍ୟାଙ୍କ ଗୁଡିକ ଗ୍ରାମାଞ୍ଚଳରେ ପ୍ରବେଶ କଲେ ମଧ୍ୟ

ସମବାୟ ଋଣ ସଂସ୍ଥା ଗୁଡିକ ଆମ ଦେଶର ଗ୍ରାମାଞ୍ଚଳର ଋଣ ଆବଶ୍ୟକତା କୁ ପୁରଣ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ସେମାନଙ୍କର ଋଣ କାରବାର ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି । ସମସ୍ତ କୃଷକ ମାନଙ୍କ ପାଇଁ ସହଜରେ ଓ ସ୍ୱଳ୍ପ ହାରର ଋଣ ମିଳିବା ତଥାପି ଏକ ଦୂରନ୍ତ ଲକ୍ଷ୍ୟ । ପ୍ରାକୃତିକ ଓ ମଣିଷ କୃତ ବିପର୍ଯ୍ୟୟ କୃଷିଭିତ୍ତିକ ଉତ୍ପାଦନ ଓ ଆୟ ପାଇଁ ଅତ୍ୟନ୍ତ ବିପଦଜନକ । କୃଷି ବୀମା କୃଷକ ମାନଙ୍କର ଦୁର୍ବିପାକ ଜନିତ କ୍ଷୟକ୍ଷତିର ଭରଣା ଜନିତ ସୁରକ୍ଷା ଦଇଥାଏ । ତତ୍ ସହିତ ସମବାୟ ସମିତି ଗୁଡିକର କାର୍ଯ୍ୟ ତଦାରଖ ସହ ସମବାୟ ବିଭାଗ ଶସ୍ୟବୀମା ଯୋଜନା ପରିଚାଳନ କରନ୍ତି । ଏହି ବିଭାଗ ମଧ୍ୟ ଅମଳ ପରବର୍ତ୍ତି ଆବଶ୍ୟକତା ପୂରଣ ପାଇଁ ଭିତ୍ତିଭୂମି ଯଥା ଭଣ୍ଡାରଣ, ପଣ୍ୟାଗାର ଓ ବିପଣନ ବ୍ୟବସ୍ଥାକୁ ଦୃଷ୍ଟି ଦେଇଥାନ୍ତି । ଏହି ସବୁ ଆବଶ୍ୟକତା ଗୁଡ଼ିକର ଗୁରୁତ୍ୱକୁ ଉପଲବ୍ଧିକରି 2013-14 ଆର୍ଥିକ ବର୍ଷରେ ସମବାୟ ବିଭାଗର ବ୍ୟୟ ବରାଦକୁ ଦୁଇଗୁଣରୁ ଅଧିକ କରାଯାଇଛି, ଯାହାକି 2012-13 ଆର୍ଥିକ ବର୍ଷରେ 239 କୋଟି 38 ଲକ୍ଷ ଟଙ୍କା ଥିବାବେଳେ 2013-14 ଆର୍ଥିକ ବର୍ଷରେ ଏହା 716 କୋଟି 44 ଲକ୍ଷ ଟଙ୍କା କୁ ବୃଦ୍ଧି କରାଯାଇଛି । ଅଣ ଯୋଜନା କ୍ଷେତ୍ରରେ 2012-13 ଆର୍ଥିକ ବର୍ଷରେ ଥିବା 77 କୋଟି 24 ଲକ୍ଷ ଟଙ୍କା ବୃଦ୍ଧି ପାଇ 108 କୋଟି 44 ଲକ୍ଷ ଟଙ୍କାରେ ପହଞ୍ଚିଥିବା ସ୍ଥଳେ 2012-13 ଆର୍ଥିକ ବର୍ଷର ରାଜ୍ୟ ଯୋଜନା ବ୍ୟୟ ବରାଦ 162 କୋଟି 65 ଲକ୍ଷ ଟଙ୍କାରୁ ତିନିଗୁଣ ବୃଦ୍ଧି ପାଇ 2013-14 ଆର୍ଥିକ ବର୍ଷରେ 608 କୋଟି ଟଙ୍କା ହୋଇଛି ।

ବାଚସ୍ପତି ମହୋଦୟ! ବର୍ତ୍ତମାନ ସମବାୟ ବିଭାଗର ବଜେଟ୍‌ରେ କୃଷି ପାଇଁ ପ୍ରବର୍ତ୍ତିତ ସ୍ୱତନ୍ତ୍ର ପ୍ୟାକେଜର ଅନ୍ତର୍ଗତ ନୂତନ ଯୋଜନାର ଘୋଷଣା କରୁଛି ।

| 17.1 | **ବାଣିଜ୍ୟିକ ବ୍ୟାଙ୍କ ଦ୍ୱାରା ସ୍ୱଳ୍ପ ମିଆଦି ଋଣ ଉପରେ ସୁଧ ରିହାତି** | **:** | **୨୦.00 କୋଟି ଟଙ୍କା** |
|---|---|---|---|

ରାଜ୍ୟରେ କୃଷକମାନଙ୍କୁ ସମବାୟ ବ୍ୟାଙ୍କ ଗୁଡିକ 65 ପ୍ରତିଶତ ଶସ୍ୟ ଋଣ ପ୍ରଦାନ କରିଥିବା ବେଳେ ଅବଶିଷ୍ଟ 35 ପ୍ରତିଶତ ବାଣିଜ୍ୟିକ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ମିଶି ଋଣ ପ୍ରଦାନ କରିଥାନ୍ତି । ବାଣିଜ୍ୟିକ ବ୍ୟାଙ୍କ ଓ ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ଶସ୍ୟ ଋଣ ପ୍ରଦାନର ପରିମାଣ ବୃଦ୍ଧି କରିବା, ଚାଷ କାର୍ଯ୍ୟ ପାଇଁ ଚାଷି ମାନଙ୍କୁ ଆନୁଷ୍ଠାନିକ ଋଣ ଆହରଣ ପାଇଁ ଅଧିକରୁ ଅଧିକ ଭାବେ ଉତ୍ସାହିତ କରିବା ଏବଂ ସବୁ ବ୍ୟାଙ୍କ୍ ପାଇଁ ସମାନ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଏକ ନୂତନ ଯୋଜନା କରାଯାଇଛି । ତେଣୁ 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅନ୍ତର୍ଗତ ଏହି ନୂତନ ବ୍ୟବସ୍ଥାରେ ରାଜ୍ୟ ସରକାର ବାଣିଜ୍ୟିକ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଗୁଡିକୁ ସୁଧ ରିହାତି ପ୍ରଦାନ କରିବେ । ଉକ୍ତ ଯୋଜନା ମାଧ୍ୟମରେ ବାଣିଜ୍ୟକ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା 5 ପ୍ରତିଶତ ହାରରେ ଶସ୍ୟ ଋଣ ପ୍ରଦାନ କରାଯିବ । ଏହାଛଡା ସଠିକ୍ ସମୟରେ ଅର୍ଥ ପରିଶୋଧ ପାଇଁ ଅତିରିକ୍ତ ରିହାତି ବ୍ୟବସ୍ଥା କରାଯାଇଅଛି, ଯାହା ଫଳରେ ଉକ୍ତ ନୂତନ ଯୋଜନାରେ ସମବାୟ ବ୍ୟାଙ୍କ ତଥା ବାଣିଜ୍ୟିକ ବ୍ୟାଙ୍କ ଠାରୁ କୃଷକମାନଙ୍କୁ 2 ପ୍ରତିଶତ ହାରରେ ସ୍ୱଳ୍ପ ମିଆଦି ଋଣ ପ୍ରଦାନ କରାଯିବ । ଏଥିପାଇଁ 2013-14 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାରେ ୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

| 17.2 | **ସମବାୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କ ଦ୍ୱାରା ମିଆଦି ଋଣ ଉପରେ ସୁଧ ରିହାତି** | **:** | **20.00 କୋଟି ଟଙ୍କା** |
|---|---|---|---|

**17.2.1** ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସୁଧ ରିହାତି ମାଧ୍ୟମରେ କୃଷକମାନଙ୍କୁ ରିହାତି ହାରରେ କୃଷି ଓ ଏହାର ଆନୁସାଙ୍ଗିକ କ୍ଷେତ୍ର ପାଇଁ ସ୍ୱଳ୍ପ ମିଆଦି ଋଣ ପ୍ରଦାନର ବ୍ୟବସ୍ଥା ରହିଛି । କିନ୍ତୁ ଏହା

ଉଲ୍ଲେଖଯୋଗ୍ୟ ଯେ ମିଆଦି ଋଣ ହ୍ରାସ ପାଉଛି । ଏହାର ସାମ୍ଭାବ୍ୟ କାରଣ ହେଲା କୃଷି ଓ ଆନୁସାଙ୍ଗିକ କାର୍ଯ୍ୟକଳାପ ପାଇଁ ମିଆଦି ଋଣ ଉପରେ ଥିବା ଅଧିକ ସୁଧ ହାର । ଏହି ବ୍ୟବସ୍ଥା ଚାଷୀମାନଙ୍କର କୃଷି ଉତ୍ପାଦନ ଓ ଆୟ ବୃଦ୍ଧି ପାଇଁ ପୁଞ୍ଜି ବିନିଯୋଗ କରିବାକୁ ଉପଲବ୍ଧ ଋଣ ସୁବିଧାକୁ ସଂକୁଚିତ କରିଦେଇଛି । ଋଣର ପରିମାଣ ଓ ଅବଧି କୁ ଭିତ୍ତିକରି କୃଷକମାନଙ୍କୁ ବର୍ତ୍ତମାନ 10-14 ପ୍ରତିଶତ ସୁଧ ହାରରେ ମିଆଦି କୃଷି ଋଣ ପ୍ରଦାନ କରାଯାଉଛି । କୃଷକମାନଙ୍କ ଉପରେ ସୁଧର ବୋଝ କମାଇବା ପାଇଁ ଓ କୃଷି କ୍ଷେତ୍ରରେ ସମ୍ପତ୍ତି ସୃଷ୍ଟି କରିବା ପାଇଁ 3 ପ୍ରତିଶତ ସୁଧ ରିହାତି ଓ ଠିକ୍ ସମୟରେ ଋଣ ପରିଶୋଧ ପାଇଁ 2 ପ୍ରତିଶତ ସୁଧ ରିହାତିର ବ୍ୟବସ୍ଥା କରାଯାଇଛି । ଏହି ରିହାତି ସମବାୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ମିଆଦି ଋଣ ଉପରେ ଦିଆଯିବ । ଏହାଦ୍ୱାରା କୃଷି ଓ ଆନୁସାଙ୍ଗିକ କ୍ଷେତ୍ର ପାଇଁ ମିଆଦି ଋଣ ଉପରେ ସୁଧହାର 7 ପ୍ରତିଶତରୁ ଅଧିକ ହେବ ନାହିଁ ।

ଉକ୍ତ ଯୋଜନା ପାଇଁ 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଧିନରେ 20 କୋଟି ଟଙ୍କା ବ୍ୟବସ୍ଥା କରାଯାଉଛି । ଏହି ଯୋଜନାରେ ସମସ୍ତ ବର୍ଗର କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଅନୁସୂଚିତ ଜାତି ଓ ଜନଜାତି ଓ ମହିଳା ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ ।

**17.2.2 ଏଠାରେ ଉଲ୍ଲେଖଯୋଗ୍ୟ ଯେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ଦୀର୍ଘମିଆଦି ଋଣ ପ୍ରଦାନ ବୃଦ୍ଧି କରିବାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବରେ 10 ଲକ୍ଷ ଟଙ୍କା ଋଣ ଦସ୍ତାବିଜ୍ ଉପରେ ଷ୍ଟାମ୍ପ ଡିଉଟି ଛାଡ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।**

| 17.3 | ଆର.ଆଇ.ଡି.ଏଫ୍. ଅନ୍ତର୍ଗତ ପଣ୍ୟାଗାର ପ୍ରତିଷ୍ଠା | : | 83.00 କୋଟି ଟଙ୍କା |
|---|---|---|---|

ଗ୍ରାମାଞ୍ଚଳରେ ବୈଜ୍ଞାନିକ ଉପାୟରେ ସଂରକ୍ଷଣ କ୍ଷମତା ସୃଷ୍ଟି କୃଷକ ମାନଙ୍କର ଅନେକ ଆବଶ୍ୟକତା ପୂରଣ କରିବ ଯଥା ସେମାନଙ୍କର ବିପଣନ ବ୍ୟବସ୍ଥା ପାଇଁ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଓ ଅମଳ ପରବର୍ତ୍ତି ଅଭାବି ବିକ୍ରୟର ନିରାକରଣ । ଅମଳ ପରବର୍ତ୍ତି ବ୍ୟବସ୍ଥାର ଉନ୍ନତ ପରିଚାଳନା ଓ କୃଷିଜାତ ଦ୍ରବ୍ୟର ବଜାର ମୂଲ୍ୟ ଉପଲବ୍ଧି କରିବାପାଇଁ ବହୁଳ ଭାବରେ ପଣ୍ୟାଗାର ସୁବିଧା ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି । 2013-14 ଓ 2014-15 ଆର୍ଥିକ ବର୍ଷରେ ପ୍ରାଥମିକ କୃଷି ଭିତ୍ତିକ ସମବାୟ ସମିତି (Primary Agricutural Co-operative Society) ସ୍ତରରେ 1,34,800 ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ସୃଷ୍ଟି ପାଇଁ 168.00 କୋଟି ଟଙ୍କାର ଅର୍ଥ ବିନିଯୋଗ କରିବାକୁ ନିଷ୍ପତି ନିଆଯାଇଛି । ରାଜ୍ୟ ଯୋଜନା ରେ 2013-14 ଆର୍ଥିକ ବର୍ଷରେ ଏଥିପାଇଁ 83.00 କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

| 17.4 | ନିୟନ୍ତ୍ରିତ ବଜାର କମିଟିରେ ଭିତ୍ତିଭୂମି ଉନ୍ନୟନ | : | 298.00 କୋଟି ଟଙ୍କା |
|---|---|---|---|

କୃଷକମାନଙ୍କର କୃଷି ଜାତ ଦ୍ରବ୍ୟର ବଜାର ସୁବିଧା ପାଇଁ ନିୟନ୍ତ୍ରିତ ବଜାର କମିଟିମାନେ ବଜାର ଗୃହର ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟରେ 298.00 କୋଟି ଟଙ୍କା ଖର୍ଚ୍ଚ କରିବେ । **ଉକ୍ତ ଅର୍ଥ ବଜେଟ୍ ବର୍ହିଭୂତ ବ୍ୟବସ୍ଥାରୁ ବିନିଯୋଗ କରାଯିବ ।**

| | | | |
|---|---|---|---|
| 17.5 | **ଓଡିଶା ରାଜ୍ୟ ସମବାୟ୍ ବ୍ୟାଙ୍କ, ଜିଲ୍ଲା କେନ୍ଦ୍ରୀୟ୍ ସମବାୟ୍ ବ୍ୟାଙ୍କ ଓ ଅର୍ବାନ୍ ସମବାୟ୍ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ୍ ସମିତି ର କମ୍ପ୍ୟୁଟରୀକରଣ** | : | **64.15 କୋଟି ଟଙ୍କା** |

ସମବାୟ୍ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ୍ ସମିତି ଗୁଡିକୁ ପ୍ରଯୁକ୍ତି ବିଦ୍ୟା ଉନ୍ନତିକରଣ ମାଧ୍ୟମରେ ସେମାନଙ୍କର ସଭ୍ୟ ଓ ଜମାକରୀ ମାନଙ୍କୁ ଉନ୍ନତ ମାନର ନିର୍ବିଘ୍ନ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦେବାର ଜରୁରୀ ଆବଶ୍ୟକତା ରହିଛି । ଏଥିପାଇଁ ଓଡିଶା ରାଜ୍ୟ ସମବାୟ୍ ବ୍ୟାଙ୍କ ଓ ଜିଲ୍ଲା କେନ୍ଦ୍ର ସମବାୟ୍ ବ୍ୟାଙ୍କ ଗୁଡ଼ିକ ପାଇଁ କୋର୍ ବ୍ୟାଙ୍କିଙ୍ଗ୍ ଏବଂ ଅର୍ବାନ୍ ସମବାୟ୍ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ୍ ସମିତି ଗୁଡିକର କମ୍ପ୍ୟୁଟରୀକରଣ ଦ୍ୱାରା ସେମାନଙ୍କର ସଭ୍ୟ ମାନଙ୍କୁ ଆଧୁନିକ ବ୍ୟାଙ୍କ୍ ସେବା ଯୋଗାଇଦିଆଯାଇ ପାରିବ । ଏଥିପାଇଁ 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 64.00 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

| | | | |
|---|---|---|---|
| 17.6 | **ପ୍ରାଥମିକ କୃଷି ସମବାୟ୍ ସମିତି ଗୁଡିକରେ ମୃତ୍ତିକା ପରିକ୍ଷଣ ପ୍ରୟୋଗଶାଳା ଓ କୃଷି ସେବା କେନ୍ଦ୍ର ପ୍ରତିଷ୍ଠା** | : | **14.78 କୋଟି ଟଙ୍କା** |

ସିଙ୍ଗଲ ଉଇଣ୍ଡୋ ମାଧ୍ୟମରେ କୃଷି ସଂମ୍ପର୍କୀୟ୍ ସେବା ଯୋଗାଇ ଦେବା ପାଇଁ ଦୁଇ ଗୋଟି ନୂତନ ଯୋଜନା ପ୍ରଣୟ୍ନର ପ୍ରସ୍ତାବ ରହିଛି । ପ୍ରାଥମିକ କୃଷି ସମବାୟ୍ ସମିତି ଦ୍ୱାରା 150 ଗୋଟି କୃଷି ସେବା କେନ୍ଦ୍ର ପ୍ରତିଷ୍ଠା ଓ ଅଲଗା ଭାବରେ 100 ଗୋଟି ମୃତ୍ତିକା ପରୀକ୍ଷଣ ପ୍ରୟୋଗଶାଳା ପାଇଁ ଆର୍ଥିକ ସହାୟ୍ତା ପ୍ରଦାନ କରାଯିବ । ଯେଉଁଥିରେ କି ଆବଶ୍ୟକତା ଭିତ୍ତିରେ କୃଷି ଯନ୍ତ୍ରପାତି ଓ ଉପକରଣ ଭଡ଼ାରେ ମିଳିବ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇପାରିବ । ଉପୋରକ୍ତ ଦୁଇଟି ଯୋଜନା ପାଇଁ 2013-14 ଆର୍ଥିକ ବର୍ଷରେ 14 କୋଟି 78 ଲକ୍ଷ ଟଙ୍କାର ବ୍ୟୟ୍ବରାଦ କରାଯାଇଛି ।

| | | | |
|---|---|---|---|
| 17.7 | **ବଜାର ଦର ସୂଚନା ପାଇଁ ଡିଜିଟାଲ୍ ମଣ୍ଡି ଯୋଜନା ଜରିଆରେ ମାଗଣା ମୋବାଇଲ୍ ଫୋନ୍ ଯୋଗାଣ** | : | 2.00 କୋଟି ଟଙ୍କା |

ଡିଜିଟାଲ୍ ମଣ୍ଡି ଯୋଜନାରେ ବଜାର ଦର ପ୍ରାପ୍ତି ଦ୍ୱାରା କୃଷକ ମାନଙ୍କୁ ଶସ୍ୟ ଉତ୍ପାଦନ ପାଇଁ ସଠିକ୍ ଯୋଜନା କରିବା ଓ କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବା ପାଇଁ ମାଗଣା ମୋବାଇଲ୍ ଫୋନ୍ ଯୋଗାଇ ଦେଇ ସେମାନଙ୍କର ସଶକ୍ତିକରଣ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି । ମୋବାଇଲ୍ ଫୋନ୍ ମାଧ୍ୟମରେ ସେମାନେ ହାତ ପାହାନ୍ତାରେ କୃଷିଜାତ ଦ୍ରବ୍ୟର ମୂଲ୍ୟ ସୂଚୀ ତତ୍କ୍ଷଣାତ୍ ପାଇ ପାରିବେ । ରାଜ୍ୟରେ ନିୟନ୍ତ୍ରିତ ବଜାର କମିଟି (RMCs) ଦ୍ୱାରା ପଞ୍ଜିକୃତ 20,000 କୃଷକ ମାନଙ୍କୁ 1000 ଟଙ୍କା ହାରରେ ମୋବାଇଲ୍ ଫୋନ୍ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି । ତଦନୁ ଯାୟୀ 2013-14 ଆର୍ଥିକ ବର୍ଷରେ 2.00 କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା ରାଜ୍ୟ ଯୋଜନାରେ କରାଯାଇଛି ।

| | | | |
|---|---|---|---|
| 17.8 | **କିଷାନ କ୍ରେଡିଟ୍ କାର୍ଡକୁ ସ୍ମାର୍ଟ କାର୍ଡରେ ପରିବର୍ତ୍ତନ** | : | 3.00 କୋଟି ଟଙ୍କା |

କୃଷକମାନେ ଶସ୍ୟ ଋଣ ଅର୍ଥ ଆକାରରେ ନିକଟତମ କେନ୍ଦ୍ରରୁ ତତ୍କ୍ଷଣାତ୍ ପାଇବା ପାଇଁ ଏବଂ କାଉଣ୍ଟରରୁ ମିଳୁଥିବା ବ୍ୟକ୍ତିଗତ ସେବା କୁ ଏଡ଼ାଇ ଦେବା ପାଇଁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ (DCBs) ପ୍ରାଥମିକ କୃଷି ସମବାୟ ସମିତି (PACs) ର କୃଷକ ହିତାଧିକାରୀ ମାନଙ୍କର ପ୍ରଦତ୍ତ କିଷାନ କ୍ରେଡିଟ୍ କାର୍ଡ (KCC) ଗୁଡିକୁ ସ୍ମାର୍ଟ କାର୍ଡରେ ପରିବର୍ତ୍ତନ କରାଯିବ । ଏହି ଯୋଜନା ପ୍ରଥମ କରି ବାଲେଶ୍ୱର - ଭଦ୍ରକ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ତିନି ଲକ୍ଷ ସକ୍ରିୟ କିଷାନ କ୍ରେଡିଟ୍ କାର୍ଡକୁ ସ୍ମାର୍ଟ କାର୍ଡରେ ପରିବର୍ତ୍ତନ କରିବା ପାଇଁ ଜଣେ କୃଷକ ପିଚ୍ଛା 100 ଟଙ୍କା ହାରରେ 3.00 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ବର୍ତ୍ତମାନ ମୁଁ ଆମର ପ୍ରଚଳିତ ଯୋଜନା ସମ୍ବନ୍ଧରେ କହିବାକୁ ଯାଉଛି ଯାହାଦ୍ୱାରା କୃଷି କ୍ଷେତ୍ର କୁ ଅନେକ ସୁବିଧା ମିଳିବ ।

**17.9 ସମବାୟ ଚିନି କଳକୁ ସହାୟତା : 15.00 କୋଟି ଟଙ୍କା**

2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ଦୁଇଗୋଟି ଚିନି କଳକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ 15.00 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ଯାହାଙ୍କୁ ବରଗଡ ସମବାୟ ଚିନି କଳ ଓ ଆସ୍କା ସମବାୟ ଚିନିକଳର ନବୀକରଣ ଓ ଆଖୁଚାଷର ଉନ୍ନତିକରଣ ପାଇଁ ଖର୍ଚ୍ଚ କରାଯିବ ।

**17.10 ବ୍ଲକ୍ ସ୍ତରରେ ବଜାର ସ୍ଥଳୀ ପ୍ରତିଷ୍ଠା : 15.00 କୋଟି ଟଙ୍କା**

ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ବାର୍ଷିକ 15.00 କୋଟି ହାରରେ ଚାରି ବର୍ଷରେ (2011-12 to 2014-15) 150 ଟି ବଜାର ସ୍ଥଳୀ ପ୍ରତିଷ୍ଠା ପାଇଁ 60.00 କୋଟି ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି । ତଦନୁଯାୟୀ, 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 38 ଟି ବଜାର ସ୍ଥଳୀ ପ୍ରତିଷ୍ଠା ପାଇଁ 15.00 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

**17.11 ସୁଧ ସବ୍‌ସିଡି ରିହାତି : 215.90 କୋଟି ଟଙ୍କା**

ରାଜ୍ୟ ସରକାର ସମବାୟ ବ୍ୟାଙ୍କ ଗୁଡିକୁ ଓ ପ୍ରାଥମିକ କୃଷି ସମବାୟ ସମିତି (PACs) ଗୁଡିକୁ କୃଷକ ମାନଙ୍କୁ 5 ପ୍ରତିଶତ ହାରରେ ଋଣ ଯୋଗାଇ ଦେବା ପାଇଁ ସୁଧ ସବ୍‌ସିଡି ବା ରିହାତି ବ୍ୟବସ୍ଥା ଚାଲୁ ରଖିଛନ୍ତି । ଯାହାକୁ କୃଷକ ମାନେ ଠିକ୍ ସମୟରେ ଋଣ ପରିଶୋଧ କଲେ ଭାରତ ସରକାରଙ୍କ ଠାରୁ 3 ପ୍ରତିଶତ ସୁଧ ପ୍ରୋତ୍ସାହନ ପାଇବେ ଯଦ୍ୱାରା ସୁଧହାର 2 ପ୍ରତିଶତକୁ ହ୍ରାସ ପାଇବ ।

ଏଥିପାଇଁ 2012-13 ଆର୍ଥିକ ବର୍ଷରେ 198 କୋଟି 70 ଲକ୍ଷ ଟଙ୍କା ବ୍ୟୟ୍ ବରାଦ ଥିବା ବେଳେ 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 215 କୋଟି 90 ଲକ୍ଷ ଟଙ୍କାର ବ୍ୟୟ୍ ବରାଦ କରାଯାଇଛି ।

**17.12 ଶସ୍ୟ ବୀମା ଜନିତ କ୍ଷତିପୂରଣ : 30.00 କୋଟି ଟଙ୍କା**

ପ୍ରାକୃତିକ ଦୁର୍ବିପାକ ଓ ପ୍ରତିକୂଳ ପାଗ ପାଇଁ ଚାଷର କ୍ଷୟକ୍ଷତି ବାବଦରେ କୃଷକ ମାନଙ୍କୁ ବୀମା ସୁରକ୍ଷା ଯୋଗାଇବା ନିମନ୍ତେ ରାଜ୍ୟରେ ଜାତୀୟ୍ କୃଷି ବୀମା ଯୋଜନା (NAIS), ସଂଶୋଧିତ ଜାତୀୟ୍ କୃଷି ବୀମା ଯୋଜନା (MNAIS) ଓ ପାଣିପାଗ ଉପରେ ପର୍ଯ୍ୟବେସିତ ଶସ୍ୟ ବୀମା ଯୋଜନା (WBCIS) ପ୍ରଚଳନ କରାଯାଇଛି । 2013-14 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାରେ ରାଜ୍ୟ ଅଂଶ ବାବଦକୁ 30.00 କୋଟି ଟଙ୍କାର ବ୍ୟୟ୍‌ବରାଦ କରାଯାଇଛି ।

## 18. ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟ୍ନ ବିଭାଗ

**18.1** ଓଡିଶା ଏକ ସାମୁଦ୍ରିକ ରାଜ୍ୟ ଯାହାକି ମଧୁର ଜଳ, ଖାରିଆ ଜଳ ଓ ସାମୁଦ୍ରିକ ମତ୍ସ୍ୟଚାଷ ସହିତ ଗ୍ରାମୀଣ ଲୋକମାନଙ୍କର ଆର୍ଥିକ ମାନର ଉନ୍ନତି ଓ କର୍ମ ନିୟୋଜନ ଯୋଗାଇ ଦେଇଥାଏ । ସେହିଭଳି ପଶୁସଂପଦ ଆମ ଗ୍ରାମ୍ୟ ଅର୍ଥନୀତି ଓ କୃଷିର ଏକ ପ୍ରଧାନ ଅଂଶ । ଏହା କୃଷି କ୍ଷେତ୍ର ସହିତ ଅଙ୍ଗାଙ୍ଗୀଭାବେ ଜଡିତ । ଏହା ଖାଦ୍ୟ ଓ ପୁଷ୍ଟି ସାରର ଏକ ସମୃଦ୍ଧ ଉତ୍ସ ଅଟେ । ଉଭୟ୍ ମତ୍ସ୍ୟ ଓ ପଶୁ ସଂପଦ କ୍ଷେତ୍ର କୃଷି କ୍ଷେତ୍ରରେ ଅଭିବୃଦ୍ଧିର ଇଞ୍ଜିନ୍ ସଦୃଶ ଯାହାକି ପ୍ରାଣୀଜାତ ଖାଦ୍ୟ ଉତ୍ପାଦନର ଅଧିକ ଜାଗାରେ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ମେଣ୍ଟାଇଥାଏ । ବସ୍ତୁତଃ, ଆମେ ଦୁଗ୍‌ଧ ଉତ୍ପାଦନ ଦ୍ୱାରା ଶ୍ୱେତ ବିପ୍ଳବ ଓ ଅଧିକ ମତ୍ସ୍ୟ ଉତ୍ପାଦନ ଦ୍ୱାରା ନୀଳ ବିପ୍ଳବ କୁ ଦୋହରାଇବା ଏବଂ ପଶୁସମ୍ପଦ ଓ କୁକୁଡ଼ା ଚାଷର ଉତ୍ପାଦନ ସ୍ତରରେ ଉଲ୍ଲେଖ୍ୟନୀୟ୍ ବୃଦ୍ଧି କରିବା ଆବଶ୍ୟକ ।

**18.2** ମତ୍ସ୍ୟ ଓ ପଶୁ ଉନ୍ନୟନ ସଂପଦ ବିଭାଗ ର ବଜେଟ୍ ରେ 2012-13 ଆର୍ଥିକ ବର୍ଷରେ 402 କୋଟି 25 ଲକ୍ଷ ଟଙ୍କା ଥିବାବେଳେ 2013-14 ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇଁ 447 କୋଟି ୨ ଲକ୍ଷ ଟଙ୍କା ହୋଇଛି । ଅଣଯୋଜନା ବାବଦରେ ଖର୍ଚ୍ଚ 236 କୋଟି ୨୨ ଲକ୍ଷ ଟଙ୍କାରୁ 246 କୋଟି 34 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଯୋଜନା ଖର୍ଚ୍ଚ 165 କୋଟି 26 ଲକ୍ଷ ଟଙ୍କାରୁ 200 କୋଟି 75 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଅଣଯୋଜନା ବାବଦରେ ଥିବା 246 କୋଟି 34 ଲକ୍ଷ ଟଙ୍କା ବିଭାଗର ପ୍ରତିଷ୍ଠାନ ଓ ପ୍ରଶାସନିକ ପରିଚାଳନା ବ୍ୟବସ୍ଥା ପାଇଁ ଏବଂ କ୍ଷେତ୍ରୀୟ ସ୍ତରର କାର୍ଯ୍ୟକ୍ରମ ରୂପାୟନ ସଂସ୍ଥା ଗୁଡ଼ିକର ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ । ଯୋଜନା ଅଟକଳ ମୁଖ୍ୟତଃ ଭାବରେ ମତ୍ସ୍ୟ, ପଶୁଚିକିତ୍ସା ଓ ପଶୁପାଳନ ର ବିକାଶ ପାଇଁ ଉଦ୍ଦିଷ୍ଟ । ବାଚସ୍ପତି ମହୋଦୟ ! ମୁଁ ଏଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିବି ଯାହାକି ଏହି ଦୁଇଟି କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀ ସମାଜର ଜୀବିକା ନିର୍ବାହ ସହିତ ଜଡ଼ିତ ।

| 18.3 | **ମତ୍ସ୍ୟ ଚାଷୀମାନଙ୍କୁ ସ୍ୱଳ୍ପ ମିଆଦି ଋଣ ଉପରେ ସୁଧ ରିହାତି** | **:** | **୫.00 କୋଟି ଟଙ୍କା** |
|---|---|---|---|

ସମ୍ପୂର୍ଣ୍ଣ, ଆଂଶିକ ଓ ସାମୟିକ ଭାବେ ମାଛ ଚାଷ କରୁଥିବା ବ୍ୟକ୍ତିବିଶେଷଙ୍କୁ ନେଇ ମତ୍ସ୍ୟଚାଷୀ ସମାଜ ଗଠିତ । ସେମାନେ ଆର୍ଥିକ ଦୃଷ୍ଟି କୋଣରୁ ଗରିବ । ସେମାନଙ୍କର ଜୀବିକା ନିର୍ବାହ ପାଇଁ ସ୍ୱଳ୍ପ ହାରରେ ଓ ସହଜରେ ଉପଲବ୍ଧ ଋଣ ବ୍ୟାବସ୍ଥା ସୀମିତ । ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହାୟତାରେ କିଷାନ କ୍ରେଡିଟ୍ କାର୍ଡ ଦ୍ୱାରା ସୁଧରିହାତି ମାଧ୍ୟମରେ କୃଷି ଋଣର ବ୍ୟାବସ୍ଥା ରହିଛି । ବର୍ତ୍ତମାନ ରାଜ୍ୟ ସରକାର ଜଣେ ମତ୍ସ୍ୟ ଚାଷୀର 3 ଲକ୍ଷ ଟଙ୍କା ଋଣ ଉପରେ 5 ପ୍ରତିଶତ ସୁଧ ରିହାତି ଓ ଠିକ୍ ସମୟରେ ଋଣ ପରିଶୋଧ ପାଇଁ 3 ପ୍ରତିଶତ ପ୍ରୋତ୍ସାହନ ଦେବେ ଯାହା

ଫଳରେ ସ୍ୱଳ୍ପ ମିଆଦୀ ଋଣ ଉପରେ ବାସ୍ତବରେ 4 ପ୍ରତିଶତ ସୁଧ ଲାଗୁ ହେବ । ଏହି ବ୍ୟବସ୍ଥା ଦ୍ୱାରା ମତ୍ସ୍ୟ ଚାଷୀ ମାନଙ୍କୁ ସମବାୟ ତଥା ବାଣିଜ୍ୟକ ବ୍ୟାଙ୍କରୁ ସୁବିଧା ହାରରେ ସ୍ୱଳ୍ପ ମିଆଦୀ ଋଣ ପାଇବା ପାଇଁ ସମ୍ଭବ ହେବ । ଆମେ ପ୍ରଥମଥର ଏହି ଉଦ୍ଦେଶ୍ୟରେ 2013-14 ଆର୍ଥିକ ବର୍ଷରେ ୫ କୋଟି ଟଙ୍କାର ବ୍ୟୟବରାଦ କରିଛୁ ଯାହାକି 12000 ମତ୍ସ୍ୟଚାଷୀ ମାନଙ୍କୁ ସହଜ ଋଣ ସୁବିଧା ଯୋଗାଇ ଦେବା ପାଇଁ ଅଭିପ୍ରେତ ।

**18.4 ମତ୍ସ୍ୟାଚାଷୀ ମାନଙ୍କୁ ଦୀର୍ଘମିଆଦୀ ଋଣ ଉପରେ ସୁଧ ରିହାତି : 4.50 କୋଟି ଟଙ୍କା**

ପୁଞ୍ଜି ସଂପତ୍ତି ସୃଷ୍ଟି ପାଇଁ ମତ୍ସ୍ୟ ଚାଷୀ ମାନେ ଦୀର୍ଘ ମିଆଦୀ ଋଣ ଦରକାର କରନ୍ତି । ଏହା ଦ୍ୱାରା ସେମାନେ ପୋଖରୀର ଉନ୍ନତିକରଣ, ଡଙ୍ଗା ଓ ଜାଲ ସଂଗ୍ରହ ଏବଂ ମତ୍ସ୍ୟ ଯାଆଁଳ ହାଚେରୀ ନିର୍ମାଣ ଓ ଆନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିନ୍ତି । ମତ୍ସ୍ୟ ଚାଷୀମାନଙ୍କ ଦ୍ୱାରା ମତ୍ସ୍ୟ ଉତ୍ପାଦନ ଓ ଆୟବୃଦ୍ଧି ପାଇଁ ଅଂଶ ପୁଞ୍ଜି ବିନିଯୋଗର ସୁଯୋଗ ସୃଷ୍ଟି ପାଇଁବ୍ୟାଙ୍କରୁ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ 3 ପ୍ରତିଶତ ସୁଧରିହାତି ଓ ଠିକଣା ସମୟରେ ଋଣ ପରିଶୋଧ ଉପରେ 2 ପ୍ରତିଶତ ଅତିରିକ୍ତ ସୁଧରିହାତି ଦେବାପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ସୁଧରିହାତି ଦ୍ୱାରା ମତ୍ସ୍ୟଚାଷୀମାନେ ସମବାୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କରୁ ଦୀର୍ଘ ମିଆଦି ଋଣ ନେଲେ ତାହା ଉପରେ 7 ପ୍ରତିଶତରୁ ଅଧିକ ସୁଧ ଦେବାକୁ ହେବ ନାହିଁ । ସରକାର ଏଥିପାଇଁ 2013-14 ଆର୍ଥିକ ବର୍ଷରେ 7000 ମତ୍ସ୍ୟ ଚାଷୀ ମାନଙ୍କର ସୁବିଧା ପାଇଁ 4 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

**18.5 ସଘନ Aquaculture ଓ ମଧୁର ଜଳ ମତ୍ସ୍ୟ ଯାଆଁଳ ହ୍ୟାଚେରୀ : 12.50 କୋଟି ଟଙ୍କା**

1970 ଦଶକରେ ଦେଶରେ ନୀଳ ବିପ୍ଳବ ଦ୍ୱାରା ମତ୍ସ୍ୟଉତ୍ପାଦନ ବହୁଗୁଣରେ ବୃଦ୍ଧି ପାଇଲା । ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କୁ ତ୍ୱରାନ୍ୱିତ କରିବା ପାଇଁ 2013-14 ଆର୍ଥିକ ବର୍ଷରେ ଗୋଟିଏ ନୂତନ ଯୋଜନା ପ୍ରଣୟନ ମାଧ୍ୟମରେ ସଘନ Aquaculture ଓ ମଧୁର ଜଳ ମତ୍ସ୍ୟ ଯାଆଁଳ ହ୍ୟାଚେରୀ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଏଥି ନିମିତ୍ତ ପ୍ରଚଳିତ ଯୋଜନାରେ ଥିବା ଉପଲବ୍ଧ ସବ୍‌ସିଡି ବ୍ୟତିରେକ 30 ପ୍ରତିଶତ ଅତିରିକ୍ତ ସବ୍‌ସିଡ଼ି ପ୍ରଦାନ କରିବା ପାଇଁ ଯୋଜାନା କରାଯାଇଛି । ବାର୍ଷିକ 5000 ମତ୍ସ୍ୟ ଚାଷୀଙ୍କୁ ସୁବିଧା ଯୋଗାଇବା ଲକ୍ଷରେ 1200 ହେକ୍ଟର ଜଳକ୍ଷେତ୍ରର ବିକାଶ ଓ ଘରୋଇ କ୍ଷେତ୍ରରେ 10 ଟି ଯାଆଁଳ ହ୍ୟାଚେରୀ ର ଉନ୍ନତିକରଣ ପାଇଁ ଉକ୍ତ ଯୋଜନାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ 12 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**18.6 ମୋବାଇଲ ଫୋନ୍ ସେବା ମାଧ୍ୟମରେ ମତ୍ସ୍ୟଜୀବି ମାନଙ୍କୁ ସଶକ୍ତିକରଣ ଓ ମତ୍ସ୍ୟ ସଂପ୍ରସାରଣ ସେବା ପାଇଁ ଶୁଳ୍କ ମୁକ୍ତ କେନ୍ଦ୍ର ପ୍ରତିଷ୍ଠା : 4.60 କୋଟି ଟଙ୍କା**

ଅପହଞ୍ଚ ଇଲାକା ଓ ଦୁର୍ଗମ ଉପକୂଳ ଅଞ୍ଚଳ ତଥା ନଇକୂଳରେ ଏବଂ ଜଳବନ୍ଦୀ ଅଞ୍ଚଳରେ ବାସ କରୁଥିବା ମତ୍ସ୍ୟଜୀବିମାନେ ଉନ୍ନତ ପ୍ରଯୁକ୍ତିବିଦ୍ୟା, ସମ୍ଭାବ୍ୟ ମତ୍ସ୍ୟଧରା ଅଞ୍ଚଳ, ଦୈନଦିନ ବଜାର ମୂଲ୍ୟ, ପାଣି ପାଗ ଓ ସେମାନଙ୍କ ଅର୍ଥନୈତିକ ଓ ସମାଜିକ ଉନ୍ନତି ପାଇଁ ପ୍ରଣୀତ ଅନେକ ସରକାରୀ ଯୋଜନା ଗୁଡିକ ବିଷୟରେ ଅବଗତ ନୁହଁନ୍ତି ଯାହାକି ସେମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ରାଜ୍ୟସରକାର ମତ୍ସ୍ୟଚାଷ ବିଶାରଦ ମାନଙ୍କଦ୍ୱାରା ହେଲପ୍‌ଲାଇନ୍ ମାଧ୍ୟମରେ ମତ୍ସ୍ୟଜୀବି ମାନଙ୍କୁ ମତ୍ସ୍ୟଚାଷ ସମ୍ପ୍ରସାରଣ ସେବା ଯୋଗାଇଦେଇ ସେମାନଙ୍କର ସଶକ୍ତିକରଣ କରିବାକୁ

ନିଷ୍ପତ୍ତି ନେଇଛନ୍ତି । ତଦନୁଯାୟୀ ଏକ ଲକ୍ଷ ମତ୍ସ୍ୟଜୀବିଙ୍କୁ ପାଞ୍ଚଗୋଟି ଦେୟମୁକ୍ତ ଦୂରସଂବାଦ ପାଇବା ପାଇଁ "IKSL ଗ୍ରୀନ୍ SIM କାର୍ଡ" ବଣ୍ଟନ କରିବାକୁ ବ୍ୟବସ୍ଥା କରିଛନ୍ତି । ସରକାର 2013-14 ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ 4 କୋଟି 60 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

| 18.7 | ବାସଗୃହ ନିର୍ମାଣ ପାଇଁ ମତ୍ସ୍ୟଜୀବି ମାନଙ୍କୁ ସହାୟତା | : | 2.00 କୋଟି ଟଙ୍କା |
|---|---|---|---|

ଗରିବ ମତ୍ସ୍ୟଚାଷୀ ଓ ସେମାନଙ୍କର ପରିବାରକୁ ଦୀର୍ଘସ୍ଥାୟୀ ସୁବିଧା ଯୋଗାଇଦେବା ଦ୍ୱାରା ସେମାନଙ୍କର ଭବିଷ୍ୟତର ସୁରକ୍ଷା ଓ ବ୍ୟବସ୍ଥାକୁ ମଜବୁତ୍ କରିବା ଆବଶ୍ୟକ। ଦାରିଦ୍ର୍ୟ ଯୋଗୁଁ ସେମାନେ ସାଧାରଣ ବାସଗୃହ ସୁବିଧାରୁ ବଞ୍ଚିତ । ହୁଡ୍‌କୋ ଋଣ ମାଧ୍ୟମରେ ରାଜ୍ୟରେ ମତ୍ସ୍ୟଜୀବି ମାନଙ୍କର ବସବାସ ବ୍ୟବସ୍ଥାର ଉନ୍ନତି କଳ୍ପେ ବାସଗୃହ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି । ତଦନୁଯାୟୀ 2013-14 ଆର୍ଥିକ ବର୍ଷଠାରୁ କ୍ରମାଗତ ଭାବେ ତିନି ବର୍ଷ ପାଇଁ ବାର୍ଷିକ 10 ହଜାର ବାସଗୃହ ଯୋଗାଇବାର ପ୍ରସ୍ତାବ ରହିଛି । ଉକ୍ତ ବାସଗୃହ ଗୁଡିକର ମୂଲ୍ୟ ପ୍ରାୟ 70,000 ଟଙ୍କା ହେବ ଯେଉଁଥିରେ ହିତାଧିକାରୀଙ୍କ ଅଂଶଦାନ 20,000 ଟଙ୍କା ଅଟେ । 2013-14 ଆର୍ଥିକ ବର୍ଷରେ ଏହି ନୂତନ ଯୋଜନା ପାଇଁ 2.00 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

| 18.8 | ପିଞ୍ଜରା ମଧ୍ୟରେ ମତ୍ସ୍ୟଚାଷ ପାଇଁ ଭିତ୍ତିଭୂମି | : | 2.50 କୋଟି ଟଙ୍କା |
|---|---|---|---|

ମତ୍ସ୍ୟ ଉତ୍ପାଦନ ପାଇଁ ମାତ୍ର ପୋଖରୀ ପ୍ରମୁଖ ଉତ୍ସ। ରାଜ୍ୟରେ ଥିବା ବୃହତ ଓ ମଧ୍ୟମ ଜଳ ଭଣ୍ଡାର ମାନଙ୍କରେ ମଧୁର ଜଳ ମତ୍ସ୍ୟଚାଷ ଓ ମତ୍ସ୍ୟଉତ୍ପାଦନ ବୃଦ୍ଧି ପାଇଁ ବୃହତ ଓ ମଧ୍ୟମ ଜଳ ଭଣ୍ଡାର ମାନଙ୍କରେ କେତେକ ଆବଦ୍ଧ ପିଞ୍ଜରା ସମୂହ ନିର୍ମାଣ କରିବାକୁ ହେବ । ଏହି ପିଞ୍ଜରା ସମୂହର ଗୋଟିଏ ୟୁନିଟ୍ ରେ 4 ଗୋଟି ପାଳନ ପିଞ୍ଜରା, 24 ଗୋଟି ବଢିବା

ପିଞ୍ଜରା ଏବଂ ଏକ ଭାସମାନ ଭେଳା ଓ ଏକ ଭଣ୍ଡାର ଘରକୁ ନେଇ ଗଠିତ ହେବ । ପ୍ରତିଟି ପିଞ୍ଜରା ସମୁହ ଆନୁମାନିକ ମୂଲ୍ୟ ପ୍ରାୟ 50 ଲକ୍ଷ ଟଙ୍କା ହେବ ।  2013-14 ଆର୍ଥିକ ବର୍ଷରେ ଏହିଭଳି 5 ଗୋଟି ପିଞ୍ଜରା ସମୁହ ବସାଇବାକୁ ଲକ୍ଷ୍ୟ ରଖାଯାଇଛି ।  ଏଥି ନିମନ୍ତେ 2.50 କୋଟି ଟଙ୍କାର ବ୍ୟୟ ବରାଦ ଲକ୍ଷ୍ୟ ରଖାଯାଇଛି ।

| 18.9 | **ଦୁଗ୍ଧ ଚାଷୀମାନଙ୍କୁ ସ୍ୱଳ୍ପ ମିଆଦୀ ଋଣ ଉପରେ ସୁଧ ରିହାତି** | **:** | **3.50 କୋଟି ଟଙ୍କା** |
|---|---|---|---|

ଗୋପାଳନକୁ ନିଜର ଆୟ ପନ୍ଥା ହିସାବରେ ଗ୍ରହଣ କରିଥିବା ଚାଷୀ କିଷାନ କ୍ରେଡିଟ୍ କାର୍ଡ (KCC) ମାଧ୍ୟମରେ ସ୍ୱଳ୍ପ ମିଆଦି ଋଣ ନେଲେ 5 ପ୍ରତିଶତ ସୁଧ ରିହାତି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ଏହାସହ ସମୟୋଚିତ ଋଣ ପରିଶୋଧ ପାଇଁ ଅତିରିକ୍ତ 3 ପ୍ରତିଶତ ପ୍ରୋତ୍ସାହନ ମିଳିବ । ଏହି ନୂତନ ଯୋଜନା 3 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା ଦୁଗ୍ଧ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି  ସୁବିଧା ଯୋଗୁଁ ଦୁଗ୍ଧ ଚାଷୀ ମାନେ  ବ୍ୟାଙ୍କରୁ 4 ପ୍ରତିଶତ ସୁଧ ହାରରେ ସ୍ୱଳ୍ପ ମିଆଦି ଋଣ ପାଇ ପାରିବେ । ଏହି ସୁଧ ରିହାତି ପାଇଁ 3 କୋଟି 50 ଲକ୍ଷ ଟଙ୍କାର ବ୍ୟୟବରାଦ ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ରାଜ୍ୟର ଦୁଗ୍ଧ ଚାଷୀମାନଙ୍କୁ ଲାଭଦାୟକ କର୍ମନିୟୋଜନ ଯୋଗାଇ ଦେବା ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ।

| 18.10 | **ଦୁଗ୍ଧ ଚାଷୀମାନଙ୍କୁ ଦୀର୍ଘ ମିଆଦୀ ଋଣ ଉପରେ ସୁଧ ରିହାତି** | **:** | **3.00 କୋଟି ଟଙ୍କା** |
|---|---|---|---|

ଦୁଗ୍ଧ ଚାଷୀମାନେ ଯନ୍ତ୍ରପାତି, ସରଞ୍ଜାମ, ଗୃହ, ପଶୁ ସମ୍ପଦର ସଂଗ୍ରହଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ବ୍ୟାଙ୍କମାନଙ୍କ ଠାରୁ ଋଣ ନେଇଥାଆନ୍ତି । ଦୁଗ୍ଧ ଚାଷ ପାଇଁ ଦିଆଯାଉଥିବା ଋଣ ପ୍ରଦାନକୁ ବୃଦ୍ଧି

କରିବା ପାଇଁ 3 ପ୍ରତିଶତ ସୁଧ ରିହାତି ଦେବାର ପ୍ରସ୍ତାବ ରହିଛି । ଏହାସହ ସଠିକ୍ ସମୟରେ ଋଣ ପରିଶୋଧ କରୁଥିବା ଚାଷୀଙ୍କୁ ଅତିରିକ୍ତ 2 ପ୍ରତିଶତ ସୁଧ ରିହାତିର ସୁବିଧା ରହିଛି । ଉକ୍ତ ନୂତନ ଯୋଜନା ପାଇଁ 3 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ଦୁଗ୍ଧ ଚାଷୀମାନଙ୍କୁ ସୁବିଧା ଯୋଗାଇ ଦେବ । ଏହା ଦ୍ୱାରା ଦୁଗ୍ଧ ଚାଷୀମାନେ ଅନ୍ତତଃ 7 ପ୍ରତିଶତ ହାରର ଦୀର୍ଘ ମିଆଦି ଋଣ ପାଇପାରିବେ ।

## 19. ଜଳ ସମ୍ପଦ ବିଭାଗ

ଅନେକ ଅଞ୍ଚଳରେ ଶସ୍ୟ ଉତ୍ପାଦନ ପାଇଁ ଜଳସେଚନ ଅପରିହାର୍ଯ୍ୟ ଅଟେ । ଏହା ମୌସୁମୀ ଉପରେ ନିର୍ଭରଶୀଳ ଆମ କୃଷି ବ୍ୟବସ୍ଥାର ଅଂଶ ବିଶେଷ ଅଟେ । କୃଷି ପାଇଁ ହେଉଥିବା ନିବେଶ ମଧ୍ୟରେ ଜଳସେଚନ ସଦାସର୍ବଦା ପ୍ରଧାନ ଉପାଦାନ ହୋଇ ରହିଛି । ଜଳର ସୁବିନିଯୋଗ ନହୋଇ ପାରିଲେ ଅଧିକ ଅମଳକ୍ଷମ ବିହନ ଓ ଅଧିକ ମାତ୍ରାରେ ସାର ପ୍ରୟୋଗ ଦ୍ୱାରା ଉତ୍ପାଦନ ବୃଦ୍ଧି ହେବା କଷ୍ଟକର ବ୍ୟାପାର । କୃଷି ପାଇଁ ଜଳସେଚନ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ରାଜ୍ୟ ସହିତ ତୁଳନା କଲେ ଆମର ବହୁତ କମ୍ ଚାଷ ଜମି ପାଇଁ ଜଳସେଚନ ବ୍ୟବସ୍ଥା ରହିଛି । ଏଥିଯୋଗୁଁ କୃଷି ଉତ୍ପାଦନ ବୃଦ୍ଧି ନିମିତ୍ତ ଅଧିକ ଜଳସେଚନ ବ୍ୟବସ୍ଥା ଆବଶ୍ୟକ । ଯେଉଁଥି ପାଇଁ ସରକାରୀ ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି । ପ୍ରଚଳିତ ଜଳସେଚନ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଆବଶ୍ୟକ। ଯଥାଯୋଗ୍ୟ ଆନୁଷ୍ଠାନିକ ସଂସ୍କାର, ଉନ୍ନତ ପରିଚାଳନା ଓ ଅନୁକୂଳ ପ୍ରୋତ୍ସାହନ ବ୍ୟବସ୍ଥା ଦ୍ୱାରା ଏହା ସମ୍ଭବ ହେବ ଓ ସାମ୍ଭାବ୍ୟ ଜଳସେଚନ ଏବଂ ଉପଲବ୍ଧ ଜଳସେଚନ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବ । ଜଳ ବ୍ୟବହାରକାରୀ ସଂଘ କିମ୍ବା ଅନ୍ୟାନ୍ୟ ସଂସ୍ଥା ଏବଂ ଭାଗିଦାରୀ ଉପରେ ପର୍ଯ୍ୟବେଶିତ ଜଳସେଚନ ପରିଚାଳନା ଓ ଆନ୍ତବିଭାଗୀୟ ସମନ୍ୱୟ ମାଧ୍ୟମରେ ଜଳସେଚନ ବ୍ୟବସ୍ଥାର କାର୍ଯ୍ୟ ଦକ୍ଷତା ବୃଦ୍ଧି ସମ୍ଭବ । ଜଳସମ୍ପଦର ପରିଚାଳନା ଓ ଏହାର ଉନ୍ନୟନ ପାଇଁ ଆମର ବର୍ତ୍ତମାନର କାର୍ଯ୍ୟଖସଡା ଏହିସବୁ ସମସ୍ୟାକୁ ଦୂର କରିବାକୁ ଉଦ୍ଦିଷ୍ଟ ।

ଏହାସହ ସ୍ୱଳ୍ପ ସମୟ ମଧ୍ୟରେ ଜଳସେଚନ ସୁବିଧା ସୃଷ୍ଟି ପାଇଁ ଜଳକ୍ଲିଷ୍ଟ ଅଞ୍ଚଳରେ ଆଡିବନ୍ଧ ନିର୍ମାଣ, ବୃହତ ଉଠା ଜଳସେଚନ ପ୍ରକଳ୍ପ ଓ ଗଭୀର ନଳକୂପର ପ୍ରତିଷ୍ଠା ଉପରେ ଆମେ ଗୁରୁତ୍ୱ ଦେଉଛୁ ।

**19.2** ଜଳ ସମ୍ପଦ ବିଭାଗ ପାଇଁ 2012-13 ଆର୍ଥିକ ବର୍ଷରେ 3466 କୋଟି 42 ଲକ୍ଷ ଟଙ୍କା ବ୍ୟୟ ବରାଦ ଥିଲାବେଳେ 2013-14 ଆର୍ଥିକ ବର୍ଷରେ ଏହା 4024 କୋଟି 53 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଅଣଯୋଜନା କ୍ଷେତ୍ରରେ ବ୍ୟୟ ବରାଦ ୫94 କୋଟି ୨0 ଲକ୍ଷ ଟଙ୍କାରୁ ୨୨3 କୋଟି 53 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ 2012-13 ଆର୍ଥିକ ବର୍ଷରେ 2571 କୋଟି 52 ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା ଥିଲା ବେଳେ 2013-14 ଆର୍ଥିକ ବର୍ଷରେ ଏହାର କଳେବର 3031 କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

**19.3** ଅଣ ଯୋଜନା ଅନ୍ତର୍ଗତ ୨୨3 କୋଟି 53 ଲକ୍ଷ ଟଙ୍କା ମୁଖ୍ୟତଃ ରାଜ୍ୟର ସାଧାରଣ ଜଳସେଚନ ବ୍ୟବସ୍ଥା ରକ୍ଷଣାବେକ୍ଷଣ ଓ ପ୍ରତିଷ୍ଠାନ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ । ଅଣ ଯୋଜନା ଅର୍ଥ ବ୍ୟବସ୍ଥା ମଧ୍ୟରୁ 5୫୨ କୋଟି ୨3 ଲକ୍ଷ ଟଙ୍କା ଜଳସେଚନ ପରିଚାଳନା ରକ୍ଷଣବେକ୍ଷଣ ଓ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ । ଏହା ମୋଟ ଅଣଯୋଜନା ବ୍ୟୟବରାଦ ଅର୍ଥର ପ୍ରାୟ 60 ପ୍ରତିଶତ ଅଟେ । ଜଳସେଚନ କାର୍ଯ୍ୟର ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ପାଇଁ ଅଧିକ ବ୍ୟୟ ବରାଦ ଦ୍ୱାରା ଉନ୍ନତମାନର ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ଆମେ ସବୁବେଳେ ଚେଷ୍ଟା କରିଆସୁଛୁ । ଏତଦ୍‌ବ୍ୟତିତ ଅଣ ଯୋଜନା ଅର୍ଥରୁ ଉଠା ଜଳସେଚନ ସୁବିଧାର ବିକାଶ ସହ ମାଇନର୍ ଓ ସବ-ମାଇନର୍ କେନାଲ ର ରକ୍ଷଣାବେକ୍ଷଣ ପାଇଁ ଓଡିଶା ଉଠା ଜଳସେଚନ ନିଗମକୁ ଓ ପାଣି ପଞ୍ଚାୟତ ମାନଙ୍କୁ ଅନୁଦାନ ଦିଆଯାଉଅଛି ।

**19.4** 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 3031.00 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ବୃହତ୍ତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ବନ୍ୟା ନିୟନ୍ତ୍ରଣ, ଜଳ ନିକାଶ, କ୍ଷୁଦ୍ର ଜଳସେଚନ କାର୍ଯ୍ୟ ଓ ସେଚଅଞ୍ଚଳ ଉନ୍ନୟନ ଯୋଜନା ସହିତ ଭାଗିଦାରୀ ଜଳସେଚନ ପରିଚାଳନା ପାଇଁ ଉଦ୍ଦିଷ୍ଟ ।

**19.5 ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ : 1712.27 କୋଟି ଟଙ୍କା**

ଅତିରିକ୍ତ ଜଳସେଚନ ବ୍ୟବସ୍ଥା ସୃଷ୍ଟି ଓ ତାହାର ସୁପରିଚାଳନା ମାଧ୍ୟମରେ ରାଜ୍ୟ ସରକାର ଜଳସେଚନର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତିବଦ୍ଧ । ଯଦିଓ ବୃହତ ଓ ମଧ୍ୟମ ପ୍ରକଳ୍ପ ଗୁଡିକ ଅତ୍ୟଧିକ ପୁଞ୍ଜି ଦରକାର କରେ ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକ ସମୟ ଲାଗେ ଏହା ବିସ୍ତୃତ ଅଞ୍ଚଳରେ ଜଳସେଚନର ଆବଶ୍ୟକତାକୁ ପୂରଣ କରେ । ନୂତନ ପ୍ରକଳ୍ପ ନିର୍ମାଣ ସହ ନବୀକରଣ, ଆଧୁନିକୀକରଣ ଓ ପ୍ରଚଳିତ ବୃହତ ଓ ମଦ୍ୟମ ଜଳସେଚନ ପ୍ରକଳ୍ପର କ୍ଷମତା ସ୍ଥିରୀକରଣ(Stabilisation) କାର୍ଯ୍ୟ ବର୍ହିସାହାଯ୍ୟ ପ୍ରଦାନକାରୀ ସଂସ୍ଥା ଯଥା ବିଶ୍ୱ ବ୍ୟାଙ୍କ, ଜାପାନ୍ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (JICA) ଏସିଆନ୍ ଉନ୍ନୟନ ବ୍ୟାଙ୍କ (ADB) ଦ୍ୱାରା ଅର୍ଥ ବ୍ୟବସ୍ଥା, ଭାରତ ସରକାରଙ୍କ ତ୍ୱରିତ ଜଳସେଚନ ପ୍ରୋତ୍ସାହନ ଯୋଜନା (AIBP) ମାଧ୍ୟମରେ ଓ ନାର୍ବାର୍ଡ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ମାଧ୍ୟମରେ ଏବଂ ରାଜ୍ୟର ନିଜସ୍ୱ ଯୋଜନା ପାଣ୍ଠି ରୁ କାର୍ଯ୍ୟକରିତା ହେଉଛି । ଏଥିପାଇଁ 1712 କୋଟି 27 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ମୁଖ୍ୟତଃ ସାତଗୋଟି ଜଳସେଚନ ପ୍ରକଳ୍ପ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଅପର୍ ଇନ୍ଦ୍ରାବତୀ ପ୍ରକଳ୍ପ, କାନପୁର ଜଳସେଚନ ପ୍ରକଳ୍ପ, ଲୋୟର୍ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଲୋୟର୍ ସୁକତେଲ ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଜଳସେଚନ ପ୍ରକଳ୍ପ (ବାମପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱ) ଓ ସୁବର୍ଣ୍ଣରେଖା

ଜଳସେଚନ ପ୍ରକଳ୍ପ ଏବଂ 10 ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ କୁ କାର୍ଯ୍ୟକାରୀ କରିବା କୁ ଉଦ୍ଦିଷ୍ଟ ।

- କେନାଲ ଲାଇନିଙ୍ଗ୍ ଓ ସିଷ୍ଟମର ପୁନଃଉଦ୍ଧାର ପାଇଁ ଏକ ନୂତନ ଯୋଜନା  କାର୍ଯ୍ୟକାରୀ କରିବାର ପ୍ରସ୍ତାବ ରହିଛି । ଏହା ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ର କେନାଲ ଜଳ ବ୍ୟବହାର କ୍ଷମତା ବୃଦ୍ଧି ସହ ଚାଷ କ୍ଷେତ୍ରକୁ ଅଧିକ ଜଳ ବ୍ୟବସ୍ଥା କରିହେବ । ଏଥି ପାଇଁ 2013-14 ଆର୍ଥିକ ବର୍ଷରେ 62 କୋଟି 95 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି  । ପର୍ଯ୍ୟାୟ କ୍ରମେ ସମସ୍ତ କେନାଲ ପଦ୍ଧତିର ଉନ୍ନତିକରଣ କରାଯିବା ପାଇଁ ପଦକ୍ଷେପ ନିଆଯିବ ।

- ଏହାଛଡ଼ା ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପରେ ଆଡିବନ୍ଧ ନିର୍ମାଣ ପାଇଁ 25.00 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

### 19.5 ବନ୍ୟା ନିୟନ୍ତ୍ରଣ ଓ ଜଳ ନିକାଶ : 305.45 କୋଟି ଟଙ୍କା (Flood Control & Drainage)

ପ୍ରତ୍ୟେକ ବର୍ଷ ଅନ୍ତରରେ ରାଜ୍ୟର ବିସ୍ତୃତ ଅଞ୍ଚଳ ଅତ୍ୟଧିକ ବୃଷ୍ଟିପାତ ଦ୍ୱାରା ଜଳପ୍ଲାବିତ ହୋଇଥାଏ ଓ ବିସ୍ତୃତ ଅଞ୍ଚଳ ବନ୍ୟାଦ୍ୱାରା ପ୍ରଭାବିତ ହୋଇଥାଏ । 5 ଗୋଟି ମୁଖ୍ୟ ନଦୀର ତ୍ରିକୋଣ ଭୂମି ଅଞ୍ଚଳ ବନ୍ୟାଦ୍ୱାରା ପ୍ରଭାବିତ ହୋଇଥାଏ । ରାଜ୍ୟ ସରକାର ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ, ନଦୀବନ୍ଧ ସୁରକ୍ଷା, ସାମୁଦ୍ରିକ କ୍ଷୟକୁ ପ୍ରତିରୋଧ କରି ନଦୀମୁହାଣ ଖନନ ପ୍ରଭୃତି କାର୍ଯ୍ୟ ମାଧ୍ୟମରେ ବନ୍ୟା ନିୟନ୍ତ୍ରଣ ପରିଚାଳନା ଓ ପ୍ରଶମନ ପାଇଁ ଅନେକ ଗୁଡିଏ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ତ୍ୱରିତ ଜଳସେଚନ ସୁବିଧା ଯୋଜନା (AIBP)ର ବନ୍ୟା ପରିଚାଳନା କାର୍ଯ୍ୟକ୍ରମ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଓ ରାଜ୍ୟର ନିଜସ୍ୱ ଯୋଜନା ପାଣ୍ଠିରୁ ବ୍ୟୟବରାଦ କରାଯାଇଛି । ରାଜ୍ୟର ଉପକୂଳବର୍ତ୍ତି ଅଞ୍ଚଳବାସୀ ଜଳ ନିକାଶ ବ୍ୟବସ୍ଥା ଓ ଜଳବନ୍ଦୀ ସମସ୍ୟାର ସମ୍ମୁଖିନ ହୋଇଥାନ୍ତି । ଉପଯୁକ୍ତ ଜଳ ନିକାଶ ବ୍ୟବସ୍ଥା

ଜଳସେଚନ ଭିତ୍ତିକ କୃଷି ଉତ୍ପାଦନ ବ୍ୟବସ୍ଥାର ବିଶେଷ ଅଂଶ । ଜଳନିକାଶ କାର୍ଯ୍ୟ ପାଇଁ ତ୍ୱରିତ ଜଳସେଚନ ସୁବିଧା ଯୋଜନା (AIBP) ର ବନ୍ୟା ପରିଚାଳନା କାର୍ଯ୍ୟକ୍ରମ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଓ ରାଜ୍ୟର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହୋଇଥାଏ । 2013-14 ଆର୍ଥିକ ବର୍ଷରେ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ପାଇଁ 213 କୋଟି 95 ଲକ୍ଷ ଟଙ୍କା ଓ ଜଳ ନିକାଶ କାର୍ଯ୍ୟ ପାଇଁ 91 କୋଟି 50 ଲକ୍ଷ ଟଙ୍କା ମୋଟ 305 କୋଟି 45 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯିବାର ପ୍ରସ୍ତାବ ରହିଛି ।

## 19.7 କ୍ଷୁଦ୍ର ଜଳସେଚନ : 923.28 କୋଟି ଟଙ୍କା

କ୍ଷୁଦ୍ର ଜଳସେଚନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଛି - ଗୋଟିଏ ହେଉଛି ଭୂପୃଷ୍ଠ ଜଳସେଚନ ଓ ଅନ୍ୟଟି ହେଉଛି ଉଠା ଜଳସେଚନ । ଏହି ପ୍ରକଳ୍ପ ଗୁଡିକ ପାଇଁ କମ୍ ପୁଞ୍ଜି ଖର୍ଚ୍ଚ ଆବଶ୍ୟକ ଏବଂ ଅତିରିକ୍ତ ଜଳସେଚନ ସୁବିଧା ଯୋଗାଇ ଦେବା କ୍ଷେତ୍ରରେ ଏହା କମ୍ ସମୟ ନିଏ । କ୍ଷୁଦ୍ର ଜଳସେଚନର ଉନ୍ନତି ପାଇଁ 2013-14 ଆର୍ଥିକ ବର୍ଷରେ 923.28 କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି, ଯାହାପାଇଁ ଅର୍ଥ ଯଥାକ୍ରମେ ଓଡିଶା ଗୋଷ୍ଠି ପୋଖରୀ ପରିଚାଳନା କାର୍ଯ୍ୟକ୍ରମ ପାଇଁ ବିଶ୍ୱ ବ୍ୟାଙ୍କରୁ, ଜଳାଶ୍ରୟ ଗୁଡିକର ମରାମତି, ପୁନରୁଦ୍ଧାର ଓ ସଂରକ୍ଷଣ (RRR) ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ, ବିଜୁ କୃଷକ ଯୋଜନା ପାଇଁ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧିନରେ ନାବାର୍ଡରୁ ଏବଂ ଆଡିବନ୍ଧ ଏବଂ ବୃହତ ଉଠା ଜଳସେଚନ ପାଇଁ ରାଜ୍ୟ ଯୋଜନା ପାଣ୍ଠିରୁ ଅର୍ଥାଗମ ହେବ ।

ଏହି 923.28 କୋଟି ଟଙ୍କା ବ୍ୟୟବରାଦ ମଧ୍ୟରୁ -

- ବର୍ଷା ଋତୁ ଶେଷରେ ଜଳ ଉପଲବ୍ଧ କରିବାକୁ ଆଡିବନ୍ଧ ନିର୍ମାଣ ସହ ଭୂତଳ ଜଳର ବିନିଯୋଗ ତଥା ଆନୁସାଙ୍ଗିକ ଜଳସେଚନ ବ୍ୟବସ୍ଥା ପାଇଁ 241.14 କୋଟି ଟଙ୍କା ର ବ୍ୟୟ ବରାଦ କରାଯାଇଛି ।

- ଜଳାଶୟ ଗୁଡିକର ମରାମତି, ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ 100.00 କୋଟି ଟଙ୍କା,
- ପାହାଡିଆ ଅଞ୍ଚଳରେ ନଦୀ ଓ ଜଳାଶ୍ରୟମାନଙ୍କରୁ ବୃହତ ଉଠା ଜଳସେଚନ ମାଧ୍ୟମରେ କୃଷକମାନଙ୍କୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ 200.00 କୋଟି ଟଙ୍କା,
- ବିଜୁ କୃଷକ ବିକାଶ ଯୋଜନା ପାଇଁ 193.00 କୋଟି ଟଙ୍କା ଏବଂ
- ଓଡିଶା ଗୋଷ୍ଠି ପୋଖରୀ ପରିଚାଳନା କାର୍ଯ୍ୟକ୍ରମ (OCTMP) ପାଇଁ 42.00 କୋଟି ଟଙ୍କା ଅନ୍ତର୍ଭୁକ୍ତ ।
- ଏଥିରେ ମଧ୍ୟ ନୂତନ ଭାବରେ ଆରମ୍ଭ ହୋଇଥିବା କେନାଲ ଲାଇନିଙ୍ଗ ଓ ପୁନରୁଦ୍ଧାର କାର୍ଯ୍ୟକ୍ରମ ବାବଦକୁ 30.00 କୋଟି ଟଙ୍କା ରଖାଯାଇଛି ।

**19.8 ସେଚାଞ୍ଚଳ ଉନ୍ନୟନ : 90.00 କୋଟି ଟଙ୍କା**

ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ସୃଷ୍ଟି ହୋଇଥିବା ଜଳସେଚନ ସୁବିଧା ଓ ଏହାର ଉପଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା । ସେଚାଞ୍ଚଳରେ ଜଳସେଚନ ପରିଚାଳନାରେ ଭାଗିଦାରୀ ମାଧ୍ୟମରେ ଜଳର ସୁବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି କରାଯିବା ମଧ୍ୟ ଏହାର ଉଦ୍ଦେଶ୍ୟ । ବର୍ତ୍ତମାନ ୨ ଟି ବୃହତ ଓ 4 ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଚାଲୁରହିଛି । ଯାହାପାଇଁ କେନ୍ଦ୍ର ସରକାର ସହାୟତା ଅଂଶ ପ୍ରଦାନ କରୁଛନ୍ତି । 2013-14 ରେ 40498 ହେକ୍ଟର ଜମି ପାଇଁ ଜଳ ଆହରଣ ଓ 14963 ହେକ୍ଟର ଜମି ପାଇଁ ଜଳ ନିଷ୍କାସନ ବ୍ୟବସ୍ଥା ସୃଷ୍ଟି ପାଇଁ ଲକ୍ଷ ରଖାଯାଇଛି । ତଦନୁଯାଇ ବଜେଟ୍‌ରେ ଏହି ଯୋଜନା ପାଇଁ 90 କୋଟି ଟଙ୍କା ରଖାଯାଇଛି ।

## 20. ଶକ୍ତି ବିଭାଗ

| | | | |
|---|---|---|---|
| 20.1 | **କୃଷି ପାଇଁ ସ୍ୱତନ୍ତ୍ର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା** | : | **150.00 କୋଟି ଟଙ୍କା** |

କୃଷକମାନଙ୍କ ପାଇଁ ଉଠା ଜଳସେଚନ ଏବଂ ମତ୍ସ୍ୟ ଚାଷୀମାନଙ୍କ ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ଦୃଷ୍ଟିରୁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣର ଆବଶ୍ୟକତା ରହିଛି । ଏହି ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଓ ମତ୍ସ୍ୟଚାଷ କ୍ଷେତ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଏକ ନୂତନ ଯୋଜନା ମାଧ୍ୟମରେ ସ୍ୱତନ୍ତ୍ର ଫିଡର୍ ସ୍ଥାପନ କରିବାକୁ ସ୍ଥିର ହୋଇଛି । ଏଥି ନିମନ୍ତେ ଶକ୍ତି ବିଭାଗ ବଜେଟ୍‌ରେ 2013-14 ଆର୍ଥିକ ବର୍ଷରେ 150.00 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

| | | | |
|---|---|---|---|
| 21 | **ବିଜୁ କୃଷକ କଲ୍ୟାଣ ଯୋଜନାରେ କୃଷକମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ସୁବିଧା** | : | **100.00 କୋଟି ଟଙ୍କା** |

ରୋଗ ବୈରାଗ ଚାଷୀ ପରିବାରର ଆୟ ଓ ରୋଜଗାର କ୍ଷମତା ଉପରେ ଏକ ବଡ଼ ବିପତ୍ତି । ଏହା ବ୍ୟତୀତ ରୋଗ ଚିକିତ୍ସା ବାବଦରେ ବ୍ୟକ୍ତିଗତ ଖର୍ଚ୍ଚର ବୃଦ୍ଧି ଏହି ପରିବାର ଗୁଡିକୁ ଅଧିକ ଋଣ ଗ୍ରସ୍ତ କରୁଅଛି ଏବଂ ଏହାର ପ୍ରଭାବରେ ପରିବାର ସଦସ୍ୟମାନେ ଦୂରାବସ୍ଥାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ବ୍ୟାଙ୍କ ତଥା ସମବାୟ ସମିତି ଗୁଡିକୁ ଦ୍ୱାରା ଋଣ ପ୍ରଦାନର କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ନଥିବାରୁ ଗରୀବ ଚାଷୀମାନେ ସାହୁକାରମାନଙ୍କ ଦ୍ୱାରସ୍ଥ ହେଉଛନ୍ତି ଓ ଋଣ ଯନ୍ତାରେ ପଡୁଛନ୍ତି। ଯେତେବେଳେ କୃଷକ ପରିବାରର କୌଣସି ସଦସ୍ୟ ଦୂରାରୋଗ୍ୟ ବ୍ୟାଧିର କବଳରେ ପଡନ୍ତି ସେତେବେଳେ ସେମାନେ ଏହାକୁ ଏକାକୀ ସମ୍ମୁଖୀନ ହୋଇଥାନ୍ତି ।ଏହା ଏକ ବିଡମ୍ବନା ଯେ ଲକ୍ଷ ଲକ୍ଷ କୃଷକ ଯିଏ ରାତିଦିନ ଲାଗି ଆମ ପାଇଁ ଅନ୍ନ ଯୋଗାଉଛନ୍ତି ସେମାନଙ୍କର ଏହି ଦୁଃସମୟରେ ସାହାଯ୍ୟ

କରିବାକୁ କେହି ନ ଥାନ୍ତି । ଏହି ଦୁଃଖ ଦାୟକ ପରିସ୍ଥିତିକୁ ଏଡାଇବା ପାଇଁ ରାଜ୍ୟ ସରକାର "ବିଜୁ କୃଷକ କଲ୍ୟାଣ ଯୋଜନା" ଆରମ୍ଭ କରିବାକୁ ସ୍ଥିର କରିଛନ୍ତି, ଯାହା କୃଷକ ଓ ସେମାନଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ସହ ଦୁର୍ଘଟଣା ତଥା ଅକର୍ମଣ୍ୟତା କ୍ଷେତ୍ରରେ ସହାୟତା ଦେଇପାରିବ । ଏହି ସ୍ୱାସ୍ଥ୍ୟ ବୀମା ଯୋଜନାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଭଳି ବିଭିନ୍ନ ରୋଗ ପାଇଁ ଡାକ୍ତରଖାନାରେ ରହି ଚିକିତ୍ସା ହେଲେ ତାର ଖର୍ଚ୍ଚ ବାବଦକୁ ଦିଆଯାଉଥିବା 30 ହଜାର ଟଙ୍କା ମିଳିବ । ଗୋପାଳନ ଓ ମତ୍ସ୍ୟ ପାଳନ କ୍ଷେତ୍ର ସମେତ ସମସ୍ତ କୃଷକମାନଙ୍କ ପାଇଁ ଏହା ପ୍ରଯୁଜ୍ୟ । ଏହି ସୁବିଧା ପରିବାରର ମୁଖିଆ, ତାଙ୍କର ସ୍ୱାମୀ କିମ୍ବା ସ୍ତ୍ରୀ ଓ ଅନ୍ୟ 3 ଜଣ ନିର୍ଭରଶୀଳ ପରିବାର ସଦସ୍ୟ, ଏହି ପରି 5 ଜଣଙ୍କ ପାଇଁ ମିଳିପାରିବ । ଆମେ ଏଥିପାଇଁ 100.00 କୋଟି ଟଙ୍କା ବ୍ୟୟ ବରାଦ କରାଯିବାକୁ ପ୍ରସ୍ତାବ ରଖିଛୁ । ଏହି କଲ୍ୟାଣକାରୀ ଯୋଜନାରେ ରାଜ୍ୟର ସମସ୍ତ ମଧ୍ୟମ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ପରି ଏହା କେବଳ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କ ପାଇଁ ପ୍ରଯୁଜ୍ୟ ନହୋଇ ସାର୍ବଜନିନ ଭାବେ ଲାଗୁ ହେବ । ଗୁରୁତର ଅସୁସ୍ଥତା କ୍ଷେତ୍ରରେ ଏହି ଯୋଜନା ଅନ୍ତର୍ଗତ ବୀମା ରାଶି ବ୍ୟତୀତ Odisha State Treatment Fund ରୁ ଅତିରିକ୍ତ ଆର୍ଥିକ ସହାୟତା ଉପଲବ୍ଧ ହେବ ।

## 22. **ଉପସଂହାର -**

ପ୍ରଖ୍ୟାତ କୃଷି ବିଜ୍ଞାନୀ ଡଃ ଏମ୍. ଏସ୍. ସ୍ୱାମୀନାଥନଙ୍କ ଭାଷାରେ ବୈଜ୍ଞାନିକ ଗବେଷଣା ଲବ୍ଧ ଜ୍ଞାନ କୌଶଳ, ରାଜନୈତିକ ଇଚ୍ଛାଶକ୍ତି ଏବଂ କୃଷକର ପରିଶ୍ରମ ମିଶି ସବୁଜ ବିପ୍ଳବର ସିମ୍ଫୋନୀ ସୃଷ୍ଟି କରିଥିଲା । ତାଙ୍କ ମତରେ ଚାଷଯୋଗ୍ୟ ଜମି ଏବଂ ଜଳସେଚନ ସୁବିଧାର ମୁଣ୍ଡପିଛା ଉପଲବ୍ଧ ହାର କମିଯାଉଥିବା ବେଳେ କୃଷକମାନଙ୍କୁ ଅଧିକରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଆମର ପ୍ରଚେଷ୍ଟାକୁ ଦ୍ୱିଗୁଣିତ କରିବାକୁ ହେବ । ଏହାକୁ ସାକାର କରିବାକୁ ହେଲେ ସବୁଜ

ବିପ୍ଳବର ଜ୍ଞାନ କୌଶଳକୁ ଗ୍ରହଣ କରିବାକୁ ହେବ ଏବଂ କୃଷିକୁ ଏକ ଲାଭ ଜନକ ବୃତ୍ତିରେ ପରିଣତ କରିବାକୁ ହେବ । ଆଉ ମଧ୍ୟ କୃଷକମାନଙ୍କ ସହାୟତା ପାଇଁ ଆବଶ୍ୟକୀୟ ସରକାରୀ ନୀତି ପ୍ରଣୟନ କରିବାକୁ ହେବ । କୃଷି କ୍ଷେତ୍ରକୁ ଯୁବକମାନଙ୍କୁ ଆକୃଷ୍ଟ କରିବା ଏବଂ ସେମାନଙ୍କୁ ଧରି ରଖିବା ପାଇଁ ଆମକୁ ଏହା କରିବାକୁ ହେବ । ଏଦିଗରେ ତାଙ୍କର ସ୍ମରଣୀୟ ଉକ୍ତି ହେଉଛି ‘ଯଦି କୃଷିରେ କିଛି ବିଡମ୍ବନା ଘଟେ ତେବେ ଅନ୍ୟକିଛି ଠିକ୍ ହେବାର ସମ୍ଭାବନା ନାହିଁ’ ।

ଆସନ୍ତୁ ଆମେ ସଭିଏଁ ଆମ ରାଜ୍ୟର କୃଷକମାନଙ୍କ ସୁଖ ସମୃଦ୍ଧି ପାଇଁ ସମ୍ମିଳିତ ଉଦ୍ୟମ କରିବା ଏବଂ ତାହା ଦ୍ୱାରା ଆମ ପାଇଁ ଖାଦ୍ୟ ନିରାପତ୍ତା ହାସଲ କରିବା, ଯାହା ନିମ୍ନରେ ଉଦ୍ଧୃତ ପଂକ୍ତି ଗୁଡ଼ିକ ଯଥାର୍ଥ ବୋଲି ପ୍ରମାଣିତ କରିବ -

**“ ଚାଷ ଅଛି ଯାହାର, କି ଆନନ୍ଦ ତାହାର,**
**ଚାଷୀଭାଇ ଯୋଗାଉଛି ଦୁନିଆକୁ ଆହାର,**
**ଚାଲ ଚାଷ କରିବା, କଳ ହଳ ଧରିବା,**
**ନୂଆ ନୂଆ ବିହନକୁ ବାଛି ବାଛି ବୁଣିବା ”**

****








ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା କଟକ-୧୦ରେ ମୁଦ୍ରିତ